ଧରିତ୍ରୀ
DHARITRI

June 18-24, 2023 ₹ 2/-

# ଛୁଟିଦିନ

ପ୍ରଚ୍ଛଦ ପ୍ରସଙ୍ଗ

୩

## ୯ ହରିବୋଲ

ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁଦିଅଁ ଭାବେ ସେ ଯେପରି ଅନନ୍ୟ, ତାଙ୍କ ରଥଯାତ୍ରା ବି ସେପରି ମହିମାମଣ୍ଡିତ। ତାଙ୍କ ନୀତିକାନ୍ତିଠାରୁ ପର୍ବ–ପର୍ବାଣି, ଯାତ୍ରାରେ ବହୁ ପରମ୍ପରା ହୁଏ ଅନୁସୃତ। ସେହିଭଳି ରଥ ନିର୍ମାଣ ସମୟରେ ଅନୁସରଣ କରାଯାଉଥିବା ଅନ୍ୟତମ ପରମ୍ପରା 'ହରିବୋଲ ଡାକ'...



# ରଙ୍ଗର ପ୍ରଭାବ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଆମ ଜୀବନଶୈଳୀ ଉପରେ ରଙ୍ଗର ମଧ୍ୟ ଅନେକ ପ୍ରଭାବ ରହିଛି। ଯଦି ଏହାର ସଠିକ୍ ଚୟନ ନ କରାଯାଏ, ତା'ହେଲେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ କେଉଁ ରଙ୍ଗର କି ପ୍ରଭାବ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

✼ ନାଲି ରଙ୍ଗ ଅନ୍ୟ ରଙ୍ଗ ତୁଳନାରେ ଅଧିକ ପ୍ରଭାବଶାଳୀ ହୋଇଥାଏ। ଯେଉଁ ରୁମ୍‌ରେ ଗହଳିଚହଳି ଲାଗି ରହିଥାଏ, ସେଠାରେ ଏହି ରଙ୍ଗ ଲଗାଇବା ଠିକ୍ ହେବ ; ଯେମିତିକି ଡ୍ରଇଂ ରୁମ୍।

✼ ଧଳା ରଙ୍ଗ ମାନସିକ ସ୍ତରରେ ଆମକୁ ଦୃଢ଼ କରେ। ତେଣୁ ଯେଉଁ ଘରେ କୌଣସି ଗୁରୁତ୍ୱପୂର୍ଣ୍ଣ କଥାର



ନିଷ୍ପତ୍ତି ନିଆଯାଏ, ସେଠାରେ ଏହି ରଙ୍ଗ ଲଗାଇବା ଶୁଭ ହୋଇଥାଏ।

✼ ଉତ୍ସାହର ପ୍ରତୀକ କୁହାଯାଉଥିବା ହଳଦିଆ ରଙ୍ଗକୁ ଡ୍ରଇଂ ରୁମ୍ ଅବା ହଲ୍‌ରେ ଲଗାଇବା ଶୁଭ।

✼ ଶାନ୍ତିର ପ୍ରତୀକ ସବୁଜ ରଙ୍ଗକୁ ବେଡ୍‌ରୁମ୍‌ରେ ଲଗାଇବା ଭଲ।

✼ ସତ୍ୟତାର ସମ୍ପର୍କ ନୀଳ ରଙ୍ଗ ସହିତ ରହିଛି। ଯେଉଁ ଘରେ କୌଣସି ଦୋଷାରୋପକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୁଏ, ସେହି ଘରେ ଏହି ରଙ୍ଗ ଲଗାଇବା ଶୁଭ।

✼ ପୂଜା ଘରେ ବାଇଗଣୀ ରଙ୍ଗ ଲଗାଇବା ଶୁଭ ; କାରଣ ଏହି ରଙ୍ଗ ମନକୁ ଆଧ୍ୟାତ୍ମିକତା ଆଡ଼କୁ ଅଗ୍ରସର କରାଇଥାଏ।

✼ ସୁନେଲି ରଙ୍ଗ ଆତ୍ମସମ୍ମାନ ତଥା ଧନବୃଦ୍ଧିକୁ ସୂଚାଇଥାଏ। ଗୃହସ୍ଥ ଚାହିଁଲେ ଘରକୁ ଏହି ରଙ୍ଗରେ ପେଣ୍ଟିଂ କରି ହେଉ ଅବା ଡୋର୍ ସ୍କ୍ରିନ୍ ଲଗାଇ ସୌଭାଗ୍ୟକୁ ଆମନ୍ତ୍ରିତ କରିପାରିବେ।

✼ କଳା ରଙ୍ଗ ଅବସାଦର ପ୍ରତୀକ ହୋଇଥିବାବେଳେ ଧଳା ରଙ୍ଗ ମନକୁ ଶାନ୍ତି ଦେଇଥାଏ। ତେଣୁ ଘରର ଯେ କୌଣସି ରୁମ୍‌ରେ ଧଳା ରଙ୍ଗ ଲଗାଇହେବ କିନ୍ତୁ କଳା ରଙ୍ଗ କେଉଁଠି ବି ଲଗାଇବେ ନାହିଁ। ପ୍ରବେଶ ଦ୍ୱାରରେ ତ ଆଦୌ ନୁହେଁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୮-୨୪

### ମେଷ



ଦୈହିକ ସୁସ୍ଥତା, ବୈଷୟିକ ଅଭିବୃଦ୍ଧି, କାମରେ ସଫଳତା, ବନ୍ଧୁ ମିଳନ, ମୂଲ୍ୟବାନ ଦ୍ରବ୍ୟ ଲାଭ, ରାଜନୈତିକ ଆଲୋଚନା, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ଟେନ୍‌ସନ ବଢ଼ିବ, ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ, ବିଜୟଲାଭ, ଆଶାପୂରଣ ॥

### ବୃଷ



ଆରୋଗ୍ୟ ଲାଭ, ଅର୍ଥ ସଂକଟ, ଭ୍ରାତୃ ବିବାଦ, ଯାନ୍ତ୍ରିକ ତ୍ରୁଟି, ସମସ୍ୟାର ସମାଧାନ, ନୂତନ କର୍ମାରମ୍ଭ, ଭୁଲ୍ ବୁଝାମଣା, ପାରିବାରିକ ସମସ୍ୟା, ମାନସିକ ଆଘାତ, ବ୍ୟସ୍ତତା ବୃଦ୍ଧି ପାଇବ, ବ୍ୟବସାୟିକ ଉନ୍ନତି, ଦୃଷ୍ଟିକୋଣ ବଦଳିଯିବ ॥

### ମିଥୁନ



ମାନସିକ ଅସ୍ଥିରତା, ଅପ୍ରିୟ ସତ୍ୟ ଭାଷଣ, କଳହ ଓ ସମସ୍ୟା, ବନ୍ଧୁଙ୍କ ମଧ୍ୟସ୍ଥତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ନୂତନ ଦାୟିତ୍ୱ ନେବେ, ବସ୍ତ୍ରଭୂଷଣପ୍ରାପ୍ତି ଯୋଗ, ପରିଜନ ସହ ଭ୍ରମଣ, ପଡୋଶୀ କ୍ଷୁବ୍ଧ ହେବେ, ଯାତ୍ରା ସଫଳ ହେବ ॥

### କର୍କଟ



କର୍ମ ଦକ୍ଷତା, ସମାଲୋଚିତ ହେବେ, ଭୁଲ୍ କରିପାରନ୍ତି, ଧାର କରଜ କରିବେ, କୃତକାର୍ଯ୍ୟ ହେବେ, ଦୂରଯାତ୍ରା କରିପାରନ୍ତି, ମାଙ୍ଗଳିକ କାମ, ମିତ୍ର ଲାଭ, ଅର୍ଥ ଲାଭ, ସମ୍ମାନ ଓ ସଦିଚ୍ଛା ପାଇବେ ॥

### ସିଂହ



ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ସମ୍ପର୍କରେ ଉନ୍ନତି, କଳାପ୍ରିୟ ହେବେ, ଅତିଥି ଚର୍ଚ୍ଚା, କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ, ଅର୍ଥ ଲାଭ ଅବଶ୍ୟମ୍ଭାବୀ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ହତାଶାବୋଧ କରିପାରନ୍ତି, ଆଶା ପୂରଣ ହେବ, ମାଲି ମକଦ୍ଦମାରେ ବିଜୟ ॥

### କନ୍ୟା



ବନ୍ଧୁଙ୍କ ସଦ୍‌ଭାବ, ଯାତ୍ରାରେ ସଫଳତା ହାସଲ କରିବେ, କାମ ଅଟକିବ ନାହିଁ, ଅଧ୍ୟୟନରେ ଏକାଗ୍ରତା, ଲକ୍ଷ୍ୟ ପୂରଣ ହେବ, ସହକର୍ମୀଙ୍କ ଭର୍ତ୍ସନା, ଦୁର୍ଭାବନା ବଢ଼ି ଚାଲିବ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି, ଦୂରଯାତ୍ରା ପାଇଁ ଯୋଜନା, ଶ୍ରମଜନିତ କ୍ଳାନ୍ତିବୋଧ ॥

### ତୁଳା



ସ୍ୱାସ୍ଥ୍ୟ ଭଲ ରହିବ, ନୂତନ କାର୍ଯ୍ୟାରମ୍ଭ କରିବେ, ବନ୍ଧୁ ସାହାଯ୍ୟ କରିପାରନ୍ତି, ମାନସିକ ସ୍ଥିତି ଠିକ୍ ରହିବ, ଦ୍ୱନ୍ଦ୍ୱର ଅବସାନ, ଲୋକ ସମ୍ପର୍କ, ବିତର୍କ ସୃଷ୍ଟି ହୋଇପାରେ, ବନ୍ଧୁ ଅସହଯୋଗ, ସମ୍ପର୍କ ହାନି, ମକଦ୍ଦମାରୁ ଦୁଃଶ୍ଚିନ୍ତା ବୃଦ୍ଧି ॥

### ବିଛା



କର୍ମକ୍ଷେତ୍ରରେ ଦକ୍ଷତା, ଅର୍ଥ ଓ ସମ୍ମାନ ଲାଭ, ଆତ୍ମୀୟଙ୍କ ଅନାଦର ଭାବ, ସୁଯୋଗ ହରାଇବେ, ବ୍ୟୟାଧିକ୍ୟରୁ ମନସ୍ତାପ, ପାରିବାରିକ ସମସ୍ୟା, ଆମୋଦ ପ୍ରମୋଦର ମଉକା, କର୍ମମୁଖର ହୋଇପାରନ୍ତି, ପଦମର୍ଯ୍ୟାଦା ବୃଦ୍ଧି ॥

### ଧନୁ



କର୍ମକ୍ଷେତ୍ରରେ ଉନ୍ନତି, ଯୋଜନାବଦ୍ଧ କାମ, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ପରିବାରର ସମର୍ଥନ, ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ତ୍ରୀଙ୍କ ଅଭିଯୋଗ, ଟେନସନ୍ ବଢିଯିବ, ଠକାମିରେ ପଡିପାରନ୍ତି ॥

### ମକର



ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପ୍ରତାରଣା, କ୍ରୋଧ ପ୍ରକାଶ କରିପାରନ୍ତି, ଭ୍ରମଣ ସୁଯୋଗ ମିଳିବ, ପ୍ରଶାସନିକ ସଫଳତା, ଅପମାନିତ ହୋଇପାରନ୍ତି, ମନ ବିବ୍ରତ ରହିବ, ବ୍ୟବସାୟରେ କ୍ଷତି, ପରିବହନରେ ଝଗଡା ॥

### କୁମ୍ଭ



ଯାତ୍ରାରେ ବିଳମ୍ବ, ବିବାଦୀୟ ଚିନ୍ତାଧାରା, ପ୍ରତୀକ୍ଷିତ ଖବର ପାଇବେ, ବ୍ୟବହାରରେ ପରିବର୍ତ୍ତନ, ସମ୍ମାନିତ ହେବେ, ସମସ୍ୟାର ସମାଧାନ, କଚେରୀ ମାମଲାରେ ବିଜୟ, ଋଣ ପରିଶୋଧ, ଶତ୍ରୁ ନାଶ, କଳାତ୍ମକ ଦିଗରୁ ପ୍ରଶଂସା ॥

### ମୀନ



କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମିତ୍ରତା ସୃଷ୍ଟି, ଆର୍ଥିକ ଅନଟନ, ଆତ୍ମୀୟଙ୍କ ସମସ୍ୟା ଚିନ୍ତା, ବିପଦ ମୁକ୍ତ ହେବେ, ବନ୍ଧୁ ବିରୋଧି ହେବେ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ସମାଲୋଚିତ ହୋଇପାରନ୍ତି, ଅତିଥି ଚର୍ଚ୍ଚାରୁ ଖୁସି, ପାରିବାରିକ ଶାନ୍ତି, ପରୀକ୍ଷାରେ ସଫଳତା ॥

# କିସ୍‌ମିସ୍ କେତେ ଉପକାରୀ



କିସ୍‌ମିସ୍ ଖାଇବା ଦ୍ୱାରା ଆମ ଶରୀରକୁ ଅନେକ ଉପକାର ମିଳିଥାଏ। ଯେମିତିକି: ଏହା ଆଖି ପାଇଁ ବହୁତ ଉପକାରୀ। କୁହାଯାଏ, ପ୍ରତିଦିନ ୭/୮ଟି କିସ୍‌ମିସ୍ ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ନିୟମିତ ଏହାକୁ ଖାଇବା ଦ୍ୱାରା ଶରୀରରେ ସୁଗାର୍ ଲେଭଲ୍ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଓଜନ କମାଇବା, ହଜମ ଶକ୍ତି ବୃଦ୍ଧି କରିବାରେ ବି ଏହା ଖୁବ୍ ଲାଭଦାୟକ ହୋଇଥାଏ। ତ୍ୱଚାରେ ଚମକ୍ ଆଣିବା ସହିତ ହାଡକୁ ମଜ୍‌ଭୁତ୍ କରିବାରେ ମଧ୍ୟ କିସ୍‌ମିସ୍‌ର ରହିଛି ଅନେକ ଭୂମିକା। ସେହିପରି ଶରୀରରେ ଆଇରନ୍‌ର ମାତ୍ରା କମିଗଲେ କିସ୍‌ମିସ୍ ଖାଇବା ଦ୍ୱାରା ବହୁତ ଫାଇଦା ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ କିସ୍‌ମିସ୍ ଖାଇବା ଦ୍ୱାରା ଆମର ହୃଦ୍ ସ୍ପନ୍ଦନ ମଧ୍ୟ ଠିକ୍ ରହିଥାଏ। କିନ୍ତୁ ଧ୍ୟାନ ଦେବେ ଅଧିକ ମାତ୍ରାରେ କିସ୍‌ମିସ୍ ଖାଇବେ ନାହିଁ। ନଚେତ୍ ଏହା ଶରୀରକୁ ଫାଇଦା ଦେବା ପରିବର୍ତ୍ତେ ଶରୀର ପାଇଁ ସମସ୍ୟା ସୃଷ୍ଟି କରିବ।

# ପାଠକୀୟ

❖ମଣିଷ ନିଜର ସୁଖ ସୁବିଧା ଓ ବିକାଶ ନାଁରେ କାଟି ଚାଲିଛି ବୃକ୍ଷ। ଫଳରେ ପ୍ରକୃତି ହରାଉଛି ତା'ର ସବୁଜିମା। ବିଗୁଡୁଛି ପରିବେଶ ସନ୍ତୁଳନ। ହେଲେ କେତେଜଣ ପଣ ନେଇଛନ୍ତି ପୁଣିଥରେ ଫେରେଇବେ ପ୍ରକୃତିର ସେଇ ସବୁଜିମା। ତେଣୁ 'ସବୁଜ ଯୋଦ୍ଧା' ଶୀର୍ଷକ ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ଘରେ କେଉଁ ଫଟୋ ଲଗାଇବେ ନାହିଁ', 'ଧାର୍ମିକ ପୁସ୍ତକକୁ ରଖିବେ କେମିତି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରାହାସ ବିହାରୀ ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସବୁଜ ଯୋଦ୍ଧା' ଏକ ନିଆରା ଆଲେଖ୍ୟ ଥିଲା। ପ୍ରକୃତିକୁ ଭଲ ପାଉଥିବା କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଏଥିରୁ ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଚିତ୍ରଶିଳ୍ପୀ ପ୍ରବୀର ଦଳେଇଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସୁନା ପଞ୍ଜୁରୀ' ଶୀର୍ଷକ ଗପଟି ମୋ ମନ କିଣିନେଲା। 'ଆମନ୍ତ୍ରଣ', 'ଆଜି କାଲି' ଶୀର୍ଷକ କବିତା ଦୁଇଟି ବି ଖୁବ୍ ମନଛୁଆଁ ହୋଇପାରିଥିଲା। *– ବନ୍ଦନା ସେଠୀ, କଣ୍ଟିଲୋ, ନୟାଗଡ଼*

❖ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ କ୍ରିତି ସାନନ୍‌ଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ବରିଷ୍ଠ ସ୍ତନକର୍କଟ ବୈଜ୍ଞାନିକ ଡଃ.ସନ୍ଦୀପ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମଧ୍ୟ ଖୁବ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ରୋମାଣ୍ଟିକଭରା ଲାଗୁଥିଲା। 'ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା' ଶୀର୍ଷକ ଲେଖାରୁ ପ୍ରଭୁଙ୍କର ଦେବସ୍ନାନ ପୂର୍ଣ୍ଣିମା ସମ୍ପର୍କରେ କିଛିଟା ନୂଆ କଥା ଜାଣିବାକୁ ମିଳିଲା।

*– ସାଗର ପଟ୍ଟନାୟକ, ବଡଶଙ୍ଖ, ପୁରୀ*

❖ମଡେଲ୍ ମିରର୍‌ରେ ରମଣ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ 'ରବର୍ସ କେଭ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଫଳ ଉପରର ଷ୍ଟିକର କ'ଣ କହେ' ଶୀର୍ଷକ ପାଠରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। 'ଅଜବ ଚୋର' ପାଠଟି ବି ସତରେ ବେଶ୍ ଅଜବ ଥିଲା। ଏଥରର ବ୍ୟଙ୍ଗ 'ତତ୍ତ୍ୱ ଜାଣିଲେ' ପାଠଟି ବେଶ୍ ନିଆରା ହୋଇଥିଲା।

*– ଶ୍ରୀମାନ୍ ସ୍ୱାଇଁ, ରାଣୀହାଟ, କଟକ*

❖ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏକଲାପଣ ଦୂର କରିବ ଏଇ ଚେୟାର', '୧୧.୮ ଇଞ୍ଚର ଅଣ୍ଟା', ପ୍ଲାଷ୍ଟିକ ବୋତଲରେ ଟି-ଶର୍ଟ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା। ତା'ଛଡ଼ା ଛୁଟିଦିନର ଅନ୍ୟ ପୃଷ୍ଠାଗୁଡ଼ିକ ବି ଖୁବ୍ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ମାନମୟୀ ପ୍ରଧାନ, ଖଣ୍ଡଗିରି, ଭୁବନେଶ୍ୱର*

## ବିଶେଷ ଚିଠି




ସବୁଜ ଯୋଦ୍ଧା ଥିଲା ଏଥରର ପ୍ରଚ୍ଛଦ
ଶିଖାଇଲା ଅନେକ କଥା
ଦେଖାଇଲା ନୂଆ ନୂଆ ପଥ।
ତେଣୁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ କରେ ମୁହିଁ ନିବେଦନ,
ଏମିତି ଆଣୁଥାଅ ଆମପାଇଁ
ନୂଆ ନୂଆ ଶିକ୍ଷଣୀୟ ପାଠମାନ।

*– ଅଶୋକ ବରାଳ, ଆଠଗଡ଼*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ହରିବୋଲ

ସମଗ୍ର ଭାରତବର୍ଷରେ ଦେବ ଓ ଦେବୀମାନଙ୍କ ପାଇଁ ଯେତେ ପ୍ରକାରର ରଥ ନିର୍ମାଣ ହୋଇଆସୁଛି, ସେସବୁ ମଧ୍ୟରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାର ରଥ ନିର୍ମାଣ ଅତ୍ୟନ୍ତ ରହସ୍ୟମୟ। ବହୁ ପ୍ରାଚୀନକାଳରୁ ଶିଳ୍ପୀଶାସ୍ତ୍ର ଅନୁଯାୟୀ ଏହା ନିର୍ମିତ ହେଉଅଛି। ରଥଖଳାରେ ରଥ ନିର୍ମାଣ ହୁଏ ମହାପ୍ରଭୁଙ୍କ ଆଜ୍ଞାମାଳ (ଆଦେଶ) ପାଇବା ପରେ। ପୂର୍ବେ ବର୍ତ୍ତମାନ ପରି ପ୍ରଶାସନିକ ବ୍ୟବସ୍ଥା ନ ଥିଲା। ଥିଲା ରାଜ ପ୍ରଶାସନ। ସେତେବେଳେ ମଧ୍ୟ ରଥ ନିର୍ମାଣ ହେଉଥିଲା। ନିର୍ମାଣ ସହିତ ଜଡ଼ିତ ସେବକମାନଙ୍କୁ ନେଇ ସାତୋଟି ନିଯୋଗ ରହିଥିଲା। ସେମାନଙ୍କୁ କୁହାଯାଉଥିଲା– ସପ୍ତ ରଥକାର।

ସପ୍ତ-ରଥକାର ପରମ୍ପରାରେ ଥିଲେ ୩୬ ପ୍ରକାର ସେବକ। କାଳକ୍ରମେ ଏହି ସେବା ମଧ୍ୟରୁ କେତେକ ଲୋପ ହୋଇଯାଇଛି। କିଛି ସେବା ବନ୍ଦ ହୋଇଗଲେ ମଧ୍ୟ ରଥ ନିର୍ମାଣ ଓ ଯାତ୍ରା ସମ୍ପାଦନ ପାଇଁ ଆହୁରି ଅଧିକ ସେବକଙ୍କୁ ଏହି କାର୍ଯ୍ୟ ସହିତ ସାମିଲ କରାଯାଇଥିଲା। ଐତିହ୍ୟରୁ ଜଣାପଡ଼େ ୬୪ ପ୍ରକାର ସେବକ ରଥ ନିର୍ମାଣ ସହିତ ସମ୍ପୃକ୍ତ ଥିଲେ।

ଏମାନଙ୍କର କାର୍ଯ୍ୟ ଦୋଳପୂର୍ଣ୍ଣିମାଠାରୁ ଆରମ୍ଭ ହେଉଥିଲା। ଶେଷ ହେଉଥିଲା ରଥଭଙ୍ଗା ହେବା ପରେ। ବିଧି ଏବେ ବି ଅଛି। କିଛି ସେବା ସଙ୍କୁଚିତ ହୋଇଯାଇଛି। ସରକାରୀ ସ୍ତରରେ ଅନେକ କାର୍ଯ୍ୟ ହେବାରୁ ଆପେ ଆପେ ସେବା ଅଣଆଡ଼ିଆ ହୋଇଯାଇଛି। ପୁରୀର ହୁଳହୁଳିଆ ପାଟକୁ କାଠପଟାଳି ନଈରେ ଆସୁନି। ତେଣୁ କାଠଗଡ଼ା ଦିଅଁ ସେବା ବନ୍ଦ ହୋଇଛି। ସେହିପରି ଗଜନାୟକ ସେବା। ହାତୀ ଶୁଣ୍ଢରେ ନଈରୁ କାଠଗଡ଼ ଉଠାଇବା କାର୍ଯ୍ୟ କରୁଥିଲେ। ଏବେ ଟ୍ରକରେ ବଡ଼ଦାଣ୍ଡରେ ପହଞ୍ଚୁଛି। ସେମିତି ଦିହୁଡ଼ିଆ ସେବା। ବିଜୁଳି ବ୍ୟବସ୍ଥା ପରେ ଏହି ସେବା ଅଲୋଡ଼ା ହୋଇଯାଇଛି। ଏହିପରି ୧୨ଟି ସେବା ବନ୍ଦ ହୋଇସାରିଛି। ମହାରଣା ସେବା, ରୂପକାର ସେବା, ଚିତ୍ରକର ସେବା, ଦରଜିସେବା ଓ ରଥ ଭୋଇ ସେବା ପ୍ରଭୃତି ଏବେ ବି ଅଛି।

**ଲୀଳାମୟ ଦାରୁଦିଅଁ ସେ ଦିଅଁ ଯେପରି ତାଙ୍କ ଲୀଳା ବି ସେପରି। ଭାଇ ଭଉଣୀଙ୍କୁ ସାଥୀରେ ଧରି ସେ ଭିଆନ୍ତି ଜଗତମଙ୍ଗଳ ଲୀଳା। କାଳିଆ ଠାକୁରଙ୍କ ଏହି ଲୀଳା ସହ ଯୋଡ଼ିହୋଇ ରହିଛି ହରିବୋଲ ପରମ୍ପରା...**

## ଶ୍ରୀମନ୍ଦିରରେ ହରିବୋଲ ପରମ୍ପରା

ଦାରୁଦିଅଁଙ୍କ ଶ୍ରୀମନ୍ଦିରରେ ହରିବୋଲ ପରମ୍ପରା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ରଥ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ଅଭିନବ ପରମ୍ପରା ପୁରୀରେ ପ୍ରଚଳିତ ଅଛି। ନିର୍ମାଣର କ୍ରମ ଅଛି। କ୍ରମ ଅନୁଯାୟୀ ଗୋଟିକ ପରେ ଗୋଟିଏ କାର୍ଯ୍ୟ ହୋଇଥାଏ। ସୁରୁଖୁରୁରେ ନିର୍ବିଘ୍ନ ଭାବରେ ପ୍ରଥମ କାମ ସରିଲେ 'ହରିବୋଲ' ପଡ଼ିଥାଏ। ସ୍ମରଣଯୋଗ୍ୟ ମହାପ୍ରଭୁଙ୍କୁ 'ହରି' ଭାବରେ ସମ୍ବୋଧନ କରାଯାଏ। ଶାସ୍ତ୍ରରେ ଏହା ସମର୍ଥିତ। ପ୍ରତ୍ୟେକ ଏକାଦଶୀ ଦିନ ଶ୍ରୀମନ୍ଦିରରେ ଶ୍ରୀନୀଳଚକ୍ର ନିକଟରେ ମହାଦୀପ ଉଠିବା ସମୟରେ 'ହରିବୋଲ' ପଡ଼େ। ଚୂନରା ସେବକ ଶ୍ରୀମନ୍ଦିରର ନୀଳଚକ୍ର ଉହାଡ଼ରେ ମହାଦୀପକୁ ଟେକିଦେବା ବେଳେ ଡାକ ଦିଅନ୍ତି–

–ହରି ବୋଲି ବୋଲ ହେ... ହରି ବୋଲି ବୋଲ ହେ .... ହରି ବୋଲି ବୋଲ ହେ ...।

→







# ହରିବୋଲ ପକାଇବା ପରେ ଉତ୍ସାହ ମିଳିଥାଏ

– କାର୍ତ୍ତିକ ଭୋଇ

(ମହାପ୍ରଭୁଙ୍କ ବାଡ଼ର ମୁଖ୍ୟ ଭୋଇ ସେବକ)



ରଥ ନିର୍ମାଣଠାରୁ ଭଙ୍ଗା ହେବାଯାଏ ଭୋଇ ସେବକମାନେ ନିୟୋଜିତ ରହିଥାନ୍ତି। ରଥ ନିର୍ମାଣ ସମୟରେ ଏହି ସେବକଙ୍କ ପକ୍ଷରୁ ହରିବୋଲ ପକାଯିବାର ପରମ୍ପରା ରହିଛି । ରଥ ଖଳାରେ ଅକ୍ଷୟତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୁଏ। ଏହାର ପରଦିନଠାରୁ କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରଥମେ ତିନି ରଥର ଚକ ନିର୍ମାଣ କରାଯାଏ। ଭଉଁରି ଦିନ ପରମ୍ପରା ଅନୁଯାୟୀ ତିନି ରଥର ଗୋଟିଏ ଅଖ ସହ ଦୁଇଗୋଟି ଚକର ସଂଯୋଗ କରାଯାଏ। ଯାହାକୁ ଚକଡେରା ନୀତି କୁହାଯାଏ । ଉକ୍ତ ଦିନ ସକାଳ ଧୂପ ସରିବା ପରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କର ଆଜ୍ଞାମାଳ ରଥଖଳାକୁ ଆସିଥାଏ । ପରେ ଭୋଇ ସେବକମାନେ ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ଗୋଟିଏ ଅଖ ସହ ଦୁଇଟି ଚକ ସଂଯୋଗ କରିଥାନ୍ତି। ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଗୋଟିଏ ଅଖ ସହ ଦୁଇଟି ଚକ ସଂଯୋଗ କରାଯାଇଥାଏ । ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ଚକ ଅଖ ସଂଯୋଗ ହୋଇଥାଏ। ଏହି ସମୟରେ ଭୋଇ ସେବକମାନଙ୍କ ପକ୍ଷରୁ ହରିବୋଲ ପକାଯାଇଥାଏ, ଯାହାକୁ ପ୍ରଥମ ହରିବୋଲ ବୋଲି କୁହାଯାଇଥାଏ। ଏହିପରି ଭାବେ ରଥ ନିର୍ମାଣ ଶେଷ ଯାଏ ୯ଥର ହରିବୋଲ ପକାଇବାର ପରମ୍ପରା ରହିଛି। ସତକହିଲେ ଆକର୍ଷଣୀୟ ଏ ହରିବୋଲ ପରମ୍ପରା। ହରିବୋଲ ପକାଇବା ପରେ ଉତ୍ସାହ ମିଳିଥାଏ। ମହାପ୍ରଭୁଙ୍କ କାର୍ଯ୍ୟ କରିବା ପାଇଁ ଉତ୍ସର୍ଗୀକୃତ ଭାବ ଆସେ।

# ବହୁ ପୂର୍ବରୁ ଏ ପରମ୍ପରା ଚାଲିଆସିଛି

– ରବି ଭୋଇ(ଭୋଇ ସର୍ଦ୍ଦାର)



ରଥ ନିର୍ମାଣ ସମୟରେ ଭୋଇ ସେବକଙ୍କ ବିଶେଷ ଭୂମିକା ରହିଥାଏ। ସମସ୍ତ ଭୋଇ ସେବକଙ୍କୁ ନେଇ ରଥ ନିର୍ମାଣ କାର୍ଯ୍ୟ କିପରି ସୁରୁଖୁରୁରେ ହେବ ସେ ଦାୟିତ୍ୱ ଭୋଇ ସର୍ଦ୍ଦାରଙ୍କ ଉପରେ ରହିଥାଏ । ରଥ ନିର୍ମାଣରେ ନିୟୋଜିତ କାଠଗୁଡ଼ିକୁ ଆଣି ରଥ ଖଳାରେ ମହାରଣାମାନଙ୍କୁ ଯୋଗାଇବା ଭୋଇ ସେବକଙ୍କ ମୁଖ୍ୟ କାର୍ଯ୍ୟ। ଏହା ବ୍ୟତୀତ ରଥରେ ବିଭିନ୍ନ ଅଂଶ ସଂଯୋଗ କାର୍ଯ୍ୟ ମଧ୍ୟ ଏମାନେ କରିଥାନ୍ତି। ରଥ ନିର୍ମାଣ ସମୟରେ ସମୁଦାୟ ୯ଟି ହରିବୋଲ ପଡ଼ିଥାଏ । କାହିଁ କେଉଁ ଅମଳରୁ ଏହି ପରମ୍ପରା ଚାଲିଆସିଛି। ହରିବୋଲ ପକାଇବା ସମୟରେ ସେବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥାଏ। ତେବେ ମା' ଚର୍ଚ୍ଚିକାଙ୍କୁ ସୁମରଣା କରି ଓ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସମସ୍ତ କାର୍ଯ୍ୟ ଆରମ୍ଭ କରିଥାଉ ।

ମହାପ୍ରଭୁ! ଶ୍ରୀ ଶ୍ରୀ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବୀରାଧି-ବୀରବର ଭୂତ ଭୈରବ ସାଧୁ ଶାସନୋତ୍ତୀର୍ଣ୍ଣ ରାଉତରାଜ ଅତୁଳ ବଳ ପରାକ୍ରମ ସଂଗ୍ରାମ ସହସ୍ର ବାହୁ କ୍ଷତ୍ରିୟକୁଳ ଧୂମକେତୁ ମହାରାଜାଧିରାଜ ଦିବ୍ୟସିଂହଦେବ ମହାରାଜାଙ୍କୁ ଶଙ୍ଖେ ପୂରାଇ ଚକ୍ର ଆଡୁଆଳ କରିବା ପାଇଁ ଆଜ୍ଞା ହେଉ...

ହରି ବୋଲି ବୋଲ ହେ....ହରି ବୋଲି ବୋଲ ହେ ... ।

ମହାପ୍ରଭୁ! ସଂସାର ସୁଖୀ ରହୁ...

## ନିର୍ମାଣରେ ହରିବୋଲ:

ହରି ବୋଲି ବୋଲ ହେ..., ହରି ବୋଲି ବୋଲ ହେ..., ହରି ବୋଲି ବୋଲ ହେ..., ହରି ବୋଲି ବୋଲ ହେ...

'ଦାରୁ' ଶବ୍ଦର ଅର୍ଥ ଦାରଣ କରିବା, ଯିଏ ଦୁଃଖ ଦାରଣ କରନ୍ତି। ହର ଶବ୍ଦର ଅର୍ଥ ହରଣ କରିବା, ଯିଏ ଦୁଃଖ ହରଣ କରନ୍ତି। 'ହରିବୋଲ' ଶବ୍ଦ ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଜଡ଼ିତ ରହିଛି। ଯେ କୌଣସି ମଙ୍ଗଳ କାର୍ଯ୍ୟର ଆରମ୍ଭ, ମଧ୍ୟାନ୍ତର ଓ ଶେଷରେ 'ହରିବୋଲ' ପକାଇବାର ପରମ୍ପରା ରହିଛି। ହରିବୋଲ ପକାଇ ହରିଙ୍କୁ ସ୍ମରଣ କରାଯାଏ। ହରିବୋଲ ଶବ୍ଦ ଉଚ୍ଚାରଣ ମାତ୍ରେ ମନରେ ପବିତ୍ର, ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନା ଭାବ ଜାଗ୍ରତ ହୁଏ। ହରି ଶବ୍ଦ ପ୍ରଭୁଙ୍କୁ ସମର୍ପିତ ହୋଇ ଡକାଯାଏ।

ପ୍ରାଚୀନ କାଳରୁ ରଥ ନିର୍ମାଣ ସହିତ ହରିବୋଲ ପକାଇବାର ପରମ୍ପରା ରହିଛି। ରଥ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନଅ ଥର ହରିବୋଲ ପଡ଼ିଥାଏ। ହରିବୋଲ ପଡ଼ିଲେ ରଥଖଳାରେ ଏକ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ସମସ୍ତ ସେବକଙ୍କ ମଧ୍ୟରେ ଉତ୍ସାହର ସହିତ ମହାପୁରୁଙ୍କ ପ୍ରତି ସମର୍ପିତ ଭାବ ସୃଷ୍ଟି ହୋଇଥାଏ।

**ପ୍ରଥମ ହରିବୋଲ :** ବିଧି ଅନୁଯାୟୀ ବାହାର ଚନ୍ଦନଯାତ୍ରାର ଶେଷଦିନ ଅର୍ଥାତ୍ ଭଉଁରି ଦିନ ରଥର ଦୁଇଟି ଲେଖାଏଁ ଚକ ଡେରାଯାଏ। ଅଖ ସହିତ ଚକ ସଂଯୋଗ କରାଯାଏ। ଭୋଇ ସେବକମାନେ ଏହି ଚକଡେରା ନୀତି ସାରିବା ପରେ ତିନି ରଥର ବାଡ଼ ଅନୁଯାୟୀ ଉପସ୍ଥିତ ରହି ହରିବୋଲ ଡାକ ଦିଅନ୍ତି। ଯିଏ ଯେଉଁ ରଥର ସେବକ, ସିଏ ସେଇ ରଥ ପାଖରେ ଥାଇ ଡାକ ଦିଅନ୍ତି।

**୨ୟ ହରିବୋଲ:** ସବୁ ରଥର ଚକଗୁଡ଼ିକ ଅଖ ସହିତ ସଂଯୋଗ ହୋଇ ଅଲଗା ଅଲଗା ରହିବା ପରେ 'ଦଣ୍ଡା' ସଂଯୋଗ ହୁଏ। ପ୍ରଥମେ ଅଖ ଉପରକୁ ପାଞ୍ଚଦଣ୍ଡା ଉଠେ। ତିନି ରଥରେ ପାଞ୍ଚଦଣ୍ଡା ଲେଖାଏ ଉଠିସାରିବା ପରେ କାର୍ଯ୍ୟର ୨ୟ ଚରଣ ନିର୍ବିଘ୍ନରେ ହେଲା ବୋଲି ଗ୍ରହଣ କରାଯାଏ। ପୂର୍ବ ପରି ଭୋଇସେବକମାନେ ଯେଖା ରଥ ପାଖରେ ଉପସ୍ଥିତ ରହି ହରିବୋଲ ଡାକ ଦିଅନ୍ତି।

**୩ୟ ହରିବୋଲ:** ଦେବସ୍ନାନ ପୂର୍ଣ୍ଣିମା ଦିନ ବିଧି ଅନୁଯାୟୀ ତିନି ରଥର ଚାରି ନାହାକା ଉଠେ। ଦଣ୍ଡା ଉପରେ ଗରଗରା, ଗରଗରା ଉପରେ ଚାରିନାହାକା ଖଞ୍ଜାଯାଏ। ଚାରିନାହାକା ଖଞ୍ଜା ହେବା ପରେ ଆନନ୍ଦର ବାତାବରଣ ଖେଳିଯାଏ। ସାବଧାନ ହୋଇ ଏହି କାର୍ଯ୍ୟ କରିବାକୁ →







ହୁଏ। କାର୍ଯ୍ୟ ଶେଷ ପରେ ପୂର୍ବ ପରି ଭୋଇ ସେବକଙ୍କ ସମେତ ମହାରଣା ମଧ୍ୟ ହରିବୋଲ ପକାଇ ଶ୍ରୀନୀଳଚକ୍ରକୁ ଚାହିଁ ହାତ ଯୋଡ଼ି ଦିଅନ୍ତି। ସବୁ ତାଙ୍କରି ଇଚ୍ଛା.... ।

**୪ର୍ଥ ହରିବୋଲ:** ତିନିରଥରେ ଚାରିନାହାକା ଉଠିବା ପରେ ଭୂଇଁ ସ୍ଥାପନ ବିଧି ଆରମ୍ଭ ହୁଏ। ଏହା ବଡ଼ କଠିନ କାର୍ଯ୍ୟ। ପ୍ରଥମ ଭୂଇଁ ଉଠିବା ପୂର୍ବରୁ ରଥ ନିର୍ମାଣ ପଦ୍ଧତି ଅନୁଯାୟୀ 'ଛଅକାଠ' ଉଠିଥାଏ। ଛଅକାଠ ଠିକ୍ ଭାବରେ ଉଠିବା ପରେ ରଥର ସମତୁଳନ ବା ସ୍ଥିରତା ନିଶ୍ଚିତ ହୋଇଯାଏ। ରଥ ଗଡ଼ିବା ବେଳେ ଅସ୍ଥିରତା ଦେଖାଯାଏ ନାହିଁ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ସରିବା ପରେ ଶ୍ରୀପତିତପାବନ ବାନାକୁ ଚାହିଁ ସମସ୍ୱରରେ ହରିବୋଲ ଡାକ ଦିଆଯାଏ।

**୫ମ ହରିବୋଲ:** ରଥରେ ଈଷିପଟା ଲାଗିବା ପରେ ତା' ଉପରେ ଖଞ୍ଜାଯାଏ ବଡ଼ଥାଳି ପୋଟଳ। ଏହାକୁ ରଥଭୋଇ ଉପରକୁ ଉଠାନ୍ତି। ରଥରେ ସେବା କରୁଥିବା ଭୋଇ ତିନି ଭାଗରେ ବିଭକ୍ତ ହୋଇ କାର୍ଯ୍ୟ କରନ୍ତି। ରଥ ଭୋଇ, ଛେକା କାଠିଆ ଭୋଇ ଓ ଯନ୍ତାଭେଣ୍ଡିଆ ଭୋଇ। ହରିବୋଲ ଡାକ ବେଳେ ସମସ୍ତେ ସମସ୍ୱରରେ ହାତ ଉପରକୁ କରି ଡାକ ଦିଅନ୍ତି। ବଡ଼ଥାଳି ପୋଟଳ ଉଠିବା ପରେ ହରିବୋଲ ପଡ଼େ।

**୬ଷ୍ଠ ହରିବୋଲ:** ଗୋଟିଏ ଗୋଟିଏ ରଥର ୧୩ ପରସ୍ତ ପୋଟଳ ଉଠିଥାଏ। ଏହା ଉପରେ ରହେ ଖପୁରି। ଖପୁରି ଉଠାଇବା ବଡ଼ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ। ଭୋଇ ସେବକ ପ୍ରବଳ ପରିଶ୍ରମ କରି ଖପୁରି ଉଠାଇଥାନ୍ତି। ଖପୁରି ଉଠିବା ପରେ ଆନନ୍ଦିତ ହୋଇ ନିଜ ନିଜ ରଥର ବାଡ଼ ଉପରେ ଠିଆହୋଇ ଶ୍ରୀନୀଳଚକ୍ରକୁ ଚାହିଁ ହରିବୋଲ ପକାଇଥା'ନ୍ତି।

**୭ମ ହରିବୋଲ:** ପ୍ରତି ରଥରେ ୪ଟି ଲେଖାଏ ଦୁଆର ବେଢ଼ା ଲାଗିଥାଏ। ଦୁଆରବେଢ଼ା କେବଳ ସୌନ୍ଦର୍ଯ୍ୟ ବଢ଼ାଇ ନ ଥାଏ, ପ୍ରାକୃତିକ ପ୍ରକୋପକୁ ପ୍ରତିହତ କରିଥାଏ। ଦୁଆର ବେଢ଼ାକୁ ରଥ ଭୋଇ ଉପରକୁ ଉଠାଇଥା'ନ୍ତି। ସାବଧାନ ହୋଇ ଦୁଆରବେଢ଼ା ଉଠାଇବା ପରେ ରଥ ଉପରେ ରହି ହରିବୋଲ ଡାକ ଦିଅନ୍ତି।

**୮ମ ହରିବୋଲ:** ରଥ ଉପରେ ଖପୁରି ଲାଗିବା ପରେ ଖପୁରି ଉପରେ କଳସ ସ୍ଥାପନ ହୁଏ। ତାହା ଉପରେ ରହେ ଅଁଳା ଓ ଦଧିନଉତି। କଳସ ସ୍ଥାପନ ହେବାପରେ ଦରକାର ଅନୁଯାୟୀ ହରିବୋଲ ଡକାଯାଏ।

**୯ମ ହରିବୋଲ:** ପ୍ରତିରଥରେ ସିଂହାସନ ସ୍ଥାପନ ହୁଏ। ସିଂହାସନ ପଛରେ 'ପ୍ରଭା' ଖଞ୍ଜାଯାଏ। ମହାପ୍ରଭୁ ଏଇଠି ବସନ୍ତି। ଏହାକୁ ମହାରଣା ସେବକମାନେ ନିର୍ମାଣ କରିସାରିବା ପରେ ରୂପକାର ସେବକ ଏଥିରେ ଖୋଦେଇ କରନ୍ତି। ଚିତ୍ରକର ସେବକ ରଙ୍ଗ ଦେଇଥା'ନ୍ତି। ଏହାପରେ ଭୋଇସେବକ ଏହାକୁ ରଥ ଉପରକୁ ଉଠାନ୍ତି। ରଥ ଉପରକୁ ଉଠିବା ପରେ ଶେଷ ହରିବୋଲ ପଡ଼ିଥାଏ।

## ହରିବୋଲ ପକାଇବା ଆମ ସେବାର ଅଂଶବିଶେଷ

**–ଧ୍ରୁବ ଭୋଇ, ବରିଷ୍ଠ ଭୋଇ ସେବକ, ବଳଭଦ୍ରଙ୍କ ବାଡ଼**



ଜଗନ୍ନାଥ ସଂସ୍କୃତି ମହାନ ପରମ୍ପରା ଉପରେ ଠିଆ ହୋଇଛି। ମହାପ୍ରଭୁଙ୍କ ସେବା ପାଇବା ଭାଗ୍ୟର ଫଳ ଭାବେ ବିବେଚନା କରେ। ତେବେ ପାଖାପାଖି ୪୦ ବର୍ଷ ଧରି ମହାପ୍ରଭୁଙ୍କ ସେବାକାର୍ଯ୍ୟରେ ସାମିଲ ହୋଇଆସୁଛି। ଦିଅଁଙ୍କ ରଥ ନିର୍ମାଣରେ ଭୋଇ ସେବା ଏକ ଗୁରୁତ୍ୱ ବହନ କରେ। ବିଶ୍ୱକର୍ମା ମହାରଣାମାନଙ୍କୁ ରଥ ନିର୍ମାଣରେ ଆବଶ୍ୟକ ହେଉଥିବା କାଠ ଗୁଡ଼ିକୁ ରଥ ଖଳାରେ ଯୋଗାଇଥାଉ। ସେହିପରି ରଥର ବିଭିନ୍ନ ଅଂଶକୁ ସଂଯୋଗ କରିବା କାର୍ଯ୍ୟ କରିବାରେ ଯୋଡ଼ି ହୋଇଥାଉ। ଆଉ ରଥ ନିର୍ମାଣ ସମୟରେ ସମୁଦାୟ ୯ ଟି ହରିବୋଲ ପକାଯାଇଥାଏ, ଯାହା ଭୋଇ ସେବକ କାର୍ଯ୍ୟର ଅଂଶ ବିଶେଷ। ମହାପ୍ରଭୁଙ୍କ ସେବାକାର୍ଯ୍ୟରୁ ହିଁ ଆନନ୍ଦ ମିଳିଥାଏ।

ମହାପ୍ରଭୁ କାଳିଆ ସାଆନ୍ତଙ୍କର ନୀତିକାନ୍ତି ସାରାଜଗତରେ ଅତୁଳନୀୟ। ସେହିକ୍ରମରେ ରଥଯାତ୍ରା ମହାପ୍ରଭୁଙ୍କ ଅଭିନବ ଭିଆଣ। ଜଗତମଙ୍ଗଳ ଉଦ୍ଦେଶ୍ୟରେ ଏହି ଲୀଳା ସୃଷ୍ଟି। ଦାରୁଦେବତାଙ୍କର ରହିଛି ବହୁ ସେବା। କେତେକ ସେବା ଏବେ ବିଲୁପ୍ତ । ଆଉ ବର୍ତ୍ତମାନ ଚାଲିଥିବା ସେବା ମଧ୍ୟରୁ ଅନ୍ୟତମ ଭୋଇସେବା। ସତକଥା ଦାରୁଦିଅଁଙ୍କ ସେବାକୁ ଆବେଗର ସହ ପାଳନ କରିଥାନ୍ତି ସେବକମାନେ। ଏହାକୁ ବ୍ରତ ଭାବେ ବି ଗ୍ରହଣ କରନ୍ତି ।

**– ବୀରଭଦ୍ର ବିଶ୍ୱାଳ**

ତଥ୍ୟ ସହାୟତା: **ଅଜିତ୍ ମହାନ୍ତି, ଫଟୋ: ଯଜ୍ଞେଶ୍ୱର ମହାନ୍ତି**





# ମହାପ୍ରଭୁଙ୍କ ଇଙ୍ଗିତରେ ମୁଁ ଲେଖି ଚାଲିଛି



**ଦୀର୍ଘ ୫ଦଶନ୍ଧି ଧରି କଲମ ଚାଳନା କରି ସାହିତ୍ୟର ବିଭିନ୍ନ ବିଭାଗରେ ସେ ସୃଷ୍ଟି କରିଛନ୍ତି ଏକାଧିକ ପୁସ୍ତକ। ଯେଉଁଥିପାଇଁ ସେ ବିଭିନ୍ନ ଗାଁ ବୁଲିବା ସହ ଐତିହାସିକ ଘଟଣା ସଂଗ୍ରହ କରିଛନ୍ତି...**

ପେସାରେ ସେ ଜଣେ ଶିକ୍ଷାବିତ୍ କିନ୍ତୁ ନିଶାରେ ସାହିତ୍ୟ ଓ କଳାସଂସ୍କୃତି ପ୍ରେମୀ। ସେ ଏକାଧାରରେ ଜଣେ ସମାଜସେବୀ, ଗାଳ୍ପିକ, ଐତିହାସିକ ଓ ଗବେଷକ। ଦୀର୍ଘ ୫ଦଶନ୍ଧି ଧରି କଲମ ଚାଳନା କରି ସାହିତ୍ୟର ବିଭିନ୍ନ ବିଭାଗରେ ସେ ସୃଷ୍ଟି କରିଛନ୍ତି ଏକାଧିକ ପୁସ୍ତକ। ତାଙ୍କ ଲେଖାରେ ବିଶେଷକରି ପ୍ରାକୃତିକ ହ୍ରଦ ଚିଲିକାର ପରିବେଶ ଓ ଏହି ଅଞ୍ଚଳର ବିଭିନ୍ନ ଐତିହାସିକ ଘଟଣା ସମ୍ପର୍କରେ ବର୍ଣ୍ଣନା ରହିଛି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ **ବାନାମ୍ବର ବାରିକ**। ଜନ୍ମ ୧୯୪୭ ମସିହା ଜୁନ ୨୦ତାରିଖ। ପିତା ଉଦୟନାଥ ବାରିକ, ମାତା- କାଇଁଚ ମହାଦେଈ। ଘର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ (ଚିଲିକା ଅଞ୍ଚଳ)ବୁଦ୍ଧିବର ଗ୍ରାମପଞ୍ଚାୟତର ଡିଆଁକୁଦ ଗ୍ରାମରେ । ବର୍ତ୍ତମାନ ସେ ପୁରୀ ସହରରେ ରହୁଛନ୍ତି। ସେ କୁହନ୍ତି, ପରିବାରରେ ମୁଁ ବଡ଼ପୁଅ। ସେତେବେଳେ ଘରର ଆର୍ଥିକ ସ୍ଥିତି ଭଲ ନ ଥିଲା। ବାପା ଜଣେ ସାଧାରଣ କୃଷକ । ଆମ ଗାଁ ଚାରିପଟକୁ ଚିଲିକା ଘେରି ରହିଛି । ସକାଳ ହେଉ କି ସନ୍ଧ୍ୟା ଚିଲିକାର ରୂପଲାବଣ୍ୟକୁ ଦେଖିଲେ ମନରେ ଆପେ ଆପେ ସୃଜନଶୀଳତାର ଭାବନା ଜାତ ହେଉଥିଲା । ବୁଦ୍ଧିବର ଗାଁର ପ୍ରାଥମିକ ସ୍କୁଲରେ ମୋର ପାଠପଢ଼ା ଆରମ୍ଭ ହୁଏ। ତା'ପରେ ମାଲୁଦରେ ୭ମ ଯାଏ ପଢିଲି। ସମୟକ୍ରମେ ଚିଲିକା ପାର ହୋଇ ବାଲୁଗାଁ ନିକଟ ଆଙ୍କୁଲାଚଟି ପଞ୍ଚୁପଲୀ ବିଦ୍ୟାପୀଠରେ ୧୦ମ ସାରିଲି। ସେଠାରୁ ଯାଇ ଗୋଦାବରୀଶ ମହାବିଦ୍ୟାଳୟ ବାଣପୁରରେ( ପିୟୁପିପି) ପଢିଥିଲି। କିନ୍ତୁ କଲେଜ ବୟସରୁ ମୋର ଲେଖାଲେଖି ଆରମ୍ଭ ହୋଇଥିଲା। ୧୯୬୯ରେ କଟକ ରେଭେନ୍ସା କଲେଜରେ ବିଏ ସରିଲାପରେ ୧୯୭୧ରେ କଟକ ଜିଲାର ବ୍ରାହ୍ମଣଝରିଲୋ ଉଚ୍ଚବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକଭାବେ ନିଯୁକ୍ତି ପାଇଲି। ଚାକିରି କାଳ ଭିତରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୯୭୪ରେ ବି.ଏଡ୍ କରି ଚାକିରି କଲି। ଏଠାରେ ପ୍ରାୟ ୩୦ବର୍ଷ ବିତିଲା। ବଦଳି ହୋଇ ପୁରୀଜିଲା ଚନ୍ଦନପୁର ମହନ୍ତଗଦାଧର ଉଚ୍ଚବିଦ୍ୟାଳୟରେ ଯୋଗଦେଇ ୨୦୦୫ରୁ ଅବସର ନେଇସାରିଛି। ସାହିତ୍ୟ ସାଧନା ପ୍ରତି ଆଗ୍ରହ ଥିବାରୁ ଲେଖାଲେଖି ଜାରି ରହିଛି। ମୋର ପ୍ରାୟ ୮ଖଣ୍ଡ ପ୍ରକାଶିତ ପୁସ୍ତକ ମଧ୍ୟରେ ଚିଲିକା ଦର୍ପଣ, ଚିଲିକା: ଅତୀତ -ବର୍ତ୍ତମାନ ଓ ଭବିଷ୍ୟତ, ଭାରତ ଓ ଭାରତୀୟ ଜାତୀୟ କଂଗ୍ରେସ, କ୍ଷେତ୍ରେଷୁ ଶ୍ରୀକ୍ଷେତ୍ର, ନୀଳାଦ୍ରି ନାମେ ସାନ ବୋହୂ, ଗର୍ବ ଗୌରବ ଐତିହ୍ୟର ନିର୍ବାଚନ ମଣ୍ଡଳୀ ବ୍ରହ୍ମଗିରି, ଶ୍ରୀମତୀ ରାଧିକା, ଓଡ଼ିଆ ଲୋକଗୀତି ପର୍ବର ଏକ ବଳିଷ୍ଠ ଅଧ୍ୟାୟ ଆଦି ରହିଛି। ହୀରା- ମୋତି- ମାଣିକ ନାମରେ ଏକ ମାସିକ ଶିଶୁପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦନା କାର୍ଯ୍ୟ କରିଛି। ଯାହା ଏବେ ବନ୍ଦ ରହିଛି। ଅରଣ୍ୟକୁସୁମ, ଫୁଲଚନ୍ଦନ ସମେତ ବିଭିନ୍ନ ପତ୍ରପତ୍ରିକାରେ ମୋର ଶତାଧିକ ଶିଶୁଲେଖା ଓ ଚିଲିକାର କେତେକ ସ୍ଥାନର ଐତିହାସିକ ଘଟଣା ସମ୍ପର୍କରେ ଲେଖା ପ୍ରକାଶିତ ହୋଇଛି। ଏହାସହିତ ମୁଁ ଉତ୍କଳ ସମ୍ମିଳନୀ ପୁରୀ ଜିଲାର ସଭାପତି ଏବଂ ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ଦାୟିତ୍ୱ ତୁଲାଇଛି। ମୋର ସୃଜନଶୀଳ ସାଧନା ପାଇଁ କଟକ ବ୍ରାହ୍ମଣଝରିଲୋ ଉଚ୍ଚବିଦ୍ୟାଳୟରୁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ, ସ୍ୱାମୀ ଦୟାନନ୍ଦ ସର୍ଭିସ୍ ମିଶନ ଦ୍ୱାରା ଗୁରୁପ୍ରଣାମ ସମ୍ମାନ ବ୍ୟତିତ ଟିଂକିତାରା ପତ୍ରିକା, ବାରବାଟୀ ଉତ୍କଳ ସମ୍ମିଳନୀ, କୁମାରକବି ଅରକ୍ଷିତ ପ୍ରଧାନ ଫାଉଣ୍ଡେଶନ ତରଫରୁ ଶିକ୍ଷାଗୌରବ ସମ୍ମାନ ଆଦି ମିଳିଛି। ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ହେଉ କିମ୍ବା ଗରିବ ପିଲାଙ୍କୁ ମାଗଣାରେ ପୁସ୍ତକ ବଣ୍ଟନ, ବନ୍ୟା, ବାତ୍ୟା ଏବଂ ଅଗ୍ନିକାଣ୍ଡ ପୀଡ଼ିତଙ୍କୁ ସାଧ୍ୟମତେ ସାହାଯ୍ୟ କରିଥାଏ। ଏଥିରେ ଆତ୍ମସନ୍ତୋଷ ମିଳିଥାଏ। ମୁଁ ମୋର ଜିଜ୍ଞାସୁମନ ନେଇ ବିଭିନ୍ନ ଅଞ୍ଚଳକୁ ଯାଇଛି । ଚିଲିକା ଦର୍ପଣ ପୁସ୍ତକ ପାଇଁ ପାଦରେ ଚାଲିଚାଲି ପ୍ରାୟ ଶତାଧିକ ଗାଁ ବୁଲିଛି। ସେତେବେଳେ ମୋ ସାଥିରେ ମୋର ପତ୍ନୀ ଓ ଦୁଇପିଲା ମଧ୍ୟ ବୁଲନ୍ତି । ଯେତେବେଳେ ଯେଉଁ ଗାଁକୁ ତଥ୍ୟ ସଂଗ୍ରହ ପାଇଁ ପହଁଚିଯାଏ, ସେଠାର ମୋତେ ଆଗରୁ ଜାଣିଥିବା ଲୋକେ ଶ୍ରଦ୍ଧାରେ ତଥ୍ୟ ସଂଗ୍ରହରେ ସହଯୋଗ କରିଥାନ୍ତି। ଆଉ କେତେକ ସ୍ଥାନରେ କେହି କେହି ବି ଉପହାସ କରିଛନ୍ତି। କେହି କେହି କହିଥିଲେ ଆମ ଗାଁକୁ କ'ଣ କେଳାକେଲୁଣୀ ନାଚକରିବାକୁ ଆସିଛନ୍ତି । ବହି ଲେଖିବା ନିଶାରେ ଖରାଛୁଟିରେ ପାରିକୁଦ ଅଞ୍ଚଳ ଘୂରିବୁଲିବାରେ ମୋ ପତ୍ନୀ ଟିକେ ବି ବିରକ୍ତ ହୋଇନାହାନ୍ତି। ଏବେ ବୟସର ଅପରାହ୍ନରେ ବିଶେଷ ଆଉ କୁଆଡ଼େ ସେମିତି ବୁଲିବାକୁ ଯାଉ ନାହିଁ। ଘରେ ବିଭିନ୍ନ ପୁସ୍ତକ ପଢୁଛି । କିଛି କିଛି ଲେଖୁଛି। ମାଲୁଦରେ ଆମ ପୁସ୍ତକ ମେଳା-କୃଷ୍ଣପ୍ରସାଦ ନାମରେ ଏକ ପୁସ୍ତକ ମେଳାର ଆୟୋଜନ କରିଥାଏ। ଏଥିରେ ଯୁବଲେଖକ ଓ କବିମାନଙ୍କୁ ପ୍ରୋତ୍ସାହନ ମିଳିଥାଏ। ଏଥିପାଇଁ ମୋତେ ଯେତିକି ଆନନ୍ଦ ମିଳୁଛି ତାହାକୁ ଭାଷାରେ ବ୍ୟକ୍ତ କରିହେବ ନାହିଁ। ଶ୍ରୀକ୍ଷେତ୍ର ଧାମରେ ରହୁଥିବାରୁ ନିଜକୁ ଧନ୍ୟ ମନେକରୁଛି। ମହାପ୍ରଭୁଙ୍କ ଇଙ୍ଗିତରେ ମୋର ଲେଖାଲେଖି ଚାଲିଛି ବୋଲି ଅନୁଭବ କରିପାରୁଛି।


**-ବନବିହାରୀ ବେହେରା**


















# ଛେଉଣ୍ଡ

**-ବିଶ୍ବବାବୁ**

ଚିରାଗ୍ ଆଉ ମୁଁ ଦୁହେଁ ହଷ୍ଟେଲରେ ଏକାଠି ରହୁ, ମାନେ ରୁମମେଟ୍। ଆମେ ଦୁହେଁ ଭାରି କ୍ରିକେଟ ପାଗଳ। କିଛିଦିନ ତଳେ ଆଇ.ପି.ଏଲ୍ ମ୍ୟାଚ୍ ଦେଖୁଥିଲୁ। ମୁଁ ବାଙ୍ଗଲୋର୍ ଦଳ କୋହଲି ବାହିନୀକୁ ସମର୍ଥନ କରୁଥିଲା ବେଳେ ଚିରାଗ୍ ଚେନ୍ନାଇ ଦଳ ଧୋନୀବାହିନୀର ବଡ଼ ସମର୍ଥକ ଥିଲା। ବହୁ ପ୍ରତୀକ୍ଷିତ ଦିନ ପରେ ଚେନ୍ନାଇ-ବାଙ୍ଗଲୋର୍‌ର ଜବରଦସ୍ତ ମ୍ୟାଚ୍ ଥିଲା। ରାତି ଯେତିକି ବଢୁଥିଲା, ମ୍ୟାଚ୍ ସେତିକି ରୋମାଞ୍ଚକର ହୋଇ ଚାଲିଥିଲା।

ଏହେ! ଠିକ୍ ଏହି ସମୟରେ ଚିରାଗ୍ ମୋବାଇଲ୍‌ର ରିଚାର୍ଜପ୍ୟାକ୍ ସରିଗଲା। ପାଖ ରୁମ୍‌ର ପିଲାଙ୍କୁ ଯାଇ ଦେଖୁ ତ, ଯିଏ ଯାହାର ଶୋଇ ପଡିଥିଲେ। ଦୁର୍ଭାଗ୍ୟକୁ ଇଣ୍ଟରନେଟ୍ କନେକ୍ସନ୍ ନଥିବାରୁ ଚିରାଗ୍ ମୋବାଇଲ୍‌ରେ ଗୁଗୁଲ-ପେ, ଫୋନ୍-ପେ ଆପ୍ କୌଣସି ବ୍ୟବହାରରେ ଆସିଲା ନାହିଁ। ସେତେବେଳକୁ ରାତି ବାରଟା ପଚିଶି ମିନିଟ୍ ବାଜିଲାଣି। ଏତେ ରାତିରେ ବି ମଣିଷ କରିବ କ'ଣ ? ଶେଷରେ ମୋ କି-ପ୍ୟାର୍ଡ ସୁଇଚ୍-ଟିପା ମୋବାଇଲ ନେଇ ଚିରାଗ୍ ତା'ବାପାଙ୍କୁ ଫୋନ୍ କରି ରିଚାର୍ଜ କରିବାକୁ କହିଲା। କଲ୍ କଟିବାର ଷାଠିଏରୁ ଅଶୀ ସେକେଣ୍ଡ ଭିତରେ ଚିରାଗ୍‌ର ଫୋନ୍ ରିଚାର୍ଜ ହୋଇଥିବାର ମେସେଜ୍ ଆସିଯାଇଥିଲା।

ପୁଣି ଆରମ୍ଭ ହେଇଗଲା ମ୍ୟାଚ ଦେଖିବା, କିନ୍ତୁ ମୁଁ ଅଟକି ଯାଇଥିଲି ଏତେ ରାତି ଅଧରେ ଆସିଥିବା ରିଚାର୍ଜ ମେସେଜ୍ ପାଖରେ। ଚିରାଗ୍‌ର ଯେତେବେଳେ ଯାହା ଦରକାର କି ସମସ୍ୟା ହୁଏ ତା'ର ବାପା ଯେତେ ଦୂରରେ ଥିଲେ ବି ଗୋଟିଏ କଲ୍‌ରେ ତତ୍କ୍ଷଣାତ୍ ସମାଧାନ କରିଦିଅନ୍ତି। କିନ୍ତୁ ମୋର ? ? ? ରୀନା ଦେଇ ଫୋନରୁ ବୋଉ ସଞ୍ଜବେଳେ କଲ୍ କରି କହିଥିଲା- ଏ ମାସର ହଷ୍ଟେଲ ଭଡ଼ା, କ୍ୟାଣ୍ଟିନ ଖର୍ଚ୍ଚ ତା' ସହ ସେମିଷ୍ଟାର ଫର୍ମ ଫିଲପ୍ ଯୋଗାଡ କରି ପଇସା ପଠେଇବାକୁ ଡେରି ହେବ ବୋଲି। ଫୋନ୍ ସେପାଖେ ବୋଉର ଛଳଛଳ ଆଖି ମୋତେ କିନ୍ତୁ ସ୍ପଷ୍ଟ ଦିଶୁଥିଲା। ଆଉ ଭାବୁଥିଲି ମୋ ବାପା ଥିଲେ ହୁଏତ ମୋ ଦୁନିଆ ବି କିଛି ଅଲଗା ହେଇଥାନ୍ତା। ଚିରାଗ୍ ସେପଟେ କ୍ରିକେଟ ଦେଖିବାରେ ଲାଗିଥିଲା, ଧୋନୀଙ୍କ ଉଇକେଟ୍ ଚାଲିଗଲା। ସାଙ୍ଗେ ସାଙ୍ଗେ, ସେ ମୋ ଷ୍ଟଡ଼ି ଟେବୁଲର ଛୋଟ କୃଷ୍ଣ ମୂର୍ତ୍ତିକୁ ଚାହିଁ ଚିଲେଇ କହୁଥାଏ ପ୍ରଭୁ ! ଛକା ମାରୁ ମାରୁ ଧୋନୀଙ୍କ ଉଇକେଟ୍ ନେବା କ'ଣ ଉଚିତ ଥିଲା ! ଏବେ କୋହଲି ଫ୍ୟାନ ଆଉ ମତେ ରଖେଇ ଦେବେନି।

ହେଲେ ମୁଁ ନୀରବରେ କୃଷ୍ଣଙ୍କୁ ଚାହିଁ ପଚାରୁଥିଲି ହେ ମାଧବ! ଦୁନିଆ ଦେଖିବା ଓ ବାପା ଶବ୍ଦର ଅର୍ଥ କ'ଣ ଜାଣିବା ଆଗରୁ ମା' ପେଟରେ ଥିବା ଗୋଟେ ଛ' ମାସର ନିର୍ମାୟା ଛୁଆଠୁ ତା' ବାପାକୁ ଛଡେଇ ନେବା କ'ଣ ଉଚିତ ଥିଲା !

*-ସିଂହସାହି, ତାଳଚେର*
*ମୋ: ୭୮୯୪୩୯୪୦୪୯*



# ବାପାଙ୍କ ଚପଲ



**-ପ୍ରହ୍ଲାଦ ରାଉତ**

ସମୟ ସାଥିରେ ଆଜି ସବୁକିଛି ବଦଳିଛି
କିନ୍ତୁ ବାପାଙ୍କ ଘସରା ଚପଲ ଆଜିବି ଖୁସିରେ ଚାଲିଛି,
ବୋଧହୁଏ ସେ ବାପାଙ୍କୁ କିଛି କହିବାକୁ ଚାହୁଁଛି,
କିନ୍ତୁ ବାପା ଏତେ ଅବୁଝା କାହିଁକି ଆଜି ଚପଲ ବି ଭାବୁଛି।
କେତେ ମାସ କେତେ ଦିନ ଗଲାଣି ନା ବାପାଙ୍କ ପାଦ ଅଟକୁଛି ନା ସେ ଘସରା ଚପଲ ବଦଳୁଛି,
କିନ୍ତୁ ଠିକ ସମୟରେ ଆମପାଇଁ ନୂଆ ନୂଆ ଚପଲ ଆସୁଛି।
ଘସରା ଚପଲ ସାଙ୍ଗକୁ ବାପାଙ୍କର ସେଇ କଣା କଣା ଗଞ୍ଜି ଏବେବି ମନେପଡୁଛି,
କିଏ ଜାଣେ ସେ ଗଞ୍ଜିର କଣାଦେଇ କେତେ ଯେ ଝାଳ ବହିଯାଇଛି ?
ଆମ ଖୁସି ପାଇଁ ବାପା କେତେଯେ ଦୁଃଖ କଷ୍ଟ ସହିଛନ୍ତି,
ଏତେସବୁ ପରେବି ଆମ ଆଗେ ବାପା ସବୁବେଳେ ହସୁଛନ୍ତି।
ବାପା' ବୟସରେ ଆଜି ସିନା ନିଜକୁ ବୁଢ଼ା ବୋଲି ଭାବୁଛ,
କିନ୍ତୁ ଆମପାଇଁ ତୁମେ କାଲି ହିରୋ ଥିଲ ଆଉ ଆଜିବି ହିରୋ ହୋଇ ରହିଛ।
ତୁଳନା ନାହିଁ ତୁମର ସୀମାହୀନ ଆକାଶ ସାଥିରେ,
ତୁମେ ଥିଲେ ମିଳିଯାଏ ସାତ ସିଂହ ବଳ ଏଇ ପୃଥିବୀ ମାଟିରେ।

*-ଖେଡ଼ବାରଣା, ନୟାଗଡ଼*
*ମୋ: ୮୧୬୯୭୯୫୮୪୪*



# ପ୍ରେମର ଭିଣାଣ ଫେଡାଣ



କିଆରା–କାର୍ତ୍ତିକ

ସତ୍ୟପ୍ରେମ ଜଣେ ସାଧାରଣ ଯୁବକ। ନିଜ ଜୀବନ ରଥକୁ ଆଗକୁ ସୁରୁଖୁରୁରେ ଗଡାଇ ନେଉଥିବା ବେଳେ ତା’ ମନରେ ଗୋଟିଏ କଥା ଉଙ୍କି ମାରେ। ତାହା ହେଲା ସେ କେମିତି ବାହା ହେବ। ଘର ସଂସାର କରିବାକୁ ମନ ବଳାଇବା ପରେ ସେ ଖୋଜିବୁଲେ ମନଲାଖି ଜୀବନସାଥୀଟିଏ। ସେହି ସମୟରେ ତାହାର ଭେଟ ହୁଏ କଥା ନାମ୍ନୀ ଯୁବତୀ ସହ। ବାସ୍ ପ୍ରଥମ ଦେଖାରେ ଦୁହିଁଙ୍କ ଭିତରେ ପ୍ରେମ ସୃଷ୍ଟି ହୁଏ। ହେଲେ ସେଇଠୁ ଆରମ୍ଭ ହୁଏ କାହାଣୀରେ ଟ୍ୱିଷ୍ଟ। ସତ୍ୟପ୍ରେମ୍ ସିନା କଥାକୁ ଭଲ ପାଇ ବସିଲା, ହେଲେ ଯା’ ପୂର୍ବରୁ ଆଉ ଜଣଙ୍କୁ ଭଲ ପାଉଥିଲା କଥା। ତେଣୁ ଏହି ସମୟରେ ଦୁହିଁଙ୍କର ପ୍ରେମ ଠିକ୍ ଭାବରେ ଆଗଉଛି ତ ? କଥାକୁ ନେଇ ସତ୍ୟପ୍ରେମ ଯେଉଁ ଆଶା ବାନ୍ଧିଛି ତାହା ସଫଳ ହେବ ତ ? ହଁ, ଏସବୁର ଉତ୍ତର ନିଶ୍ଚୟ ସିନେମାରେ ରହିଛି। ଏଭଳି ଏକ ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ହିନ୍ଦୀ ସିନେମା ‘ସତ୍ୟପ୍ରେମ କି କଥା’। ଫିଲ୍ମଟିର କାହାଣୀ ରଚନା କରିଛନ୍ତି କରନ୍ ଶ୍ରୀକାନ୍ତ ଶର୍ମା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସମୀର ବିଦ୍ୱାନ୍ସ। ‘ଏହି ଫିଲ୍ମର କାହାଣୀ ଭିନ୍ନ ଧରଣର। ଏହାକୁ କିପରି ସୁନ୍ଦର ଭାବରେ ଉପସ୍ଥାପନା କରାଯାଇପାରିବ ସେ ନେଇ ଶତ ପ୍ରତିଶତ ଦୃଷ୍ଟି ଦିଆଯାଇଛି। ଫିଲ୍ମଟି ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ। ଏହି ଫିଲ୍ମରେ ସତ୍ୟପ୍ରେମ ଭୂମିକାରେ କାର୍ତ୍ତିକ ଆର୍ଯ୍ୟନ ଏବଂ କଥା ରୋଲ୍‌ରେ କିଆରା ଆଡୱାନୀ ଅଭିନୟ କରିଛନ୍ତି। ଉକ୍ତ ଚିତ୍ରଟି ଚଳିତ ମାସ ୨୯ରେ ରିଲିଜ ହେବାକୁ ଯାଉଛି।

# କରନ୍‌ଙ୍କ ଦର୍ଶକଙ୍କୁ ଭେଟି

ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ଭାବରେ କରନ୍ ଜୋହର ବେଶ୍ ପରିଚିତ। ତାଙ୍କ ପ୍ରଯୋଜିତ ଅନେକ ସିନେମା ପୂର୍ବରୁ ହିଟ୍ ସାବ୍ୟସ୍ତ ହୋଇଛି। ଆଉ ଏବେ ସେ ଦର୍ଶକଙ୍କ ପାଇଁ ଆସନ୍ତା ୧୨ ମାସ ଭିତରେ ଆଣୁଛନ୍ତି ସାତୋଟି ଫିଲ୍ମ। ତାଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରଗୁଡିକ ହେଉଛି–‘ରକି ଔର ରାଜା କି ପ୍ରେମ କାହାନୀ’ (ରଣବୀର ସିଂହ–ଆଲିୟା ଭଟ୍ଟ), ‘ଯୋଦ୍ଧା’ (ସିଦ୍ଧାର୍ଥ ମାଲହୋତ୍ରା, ଦିଶା ପଟାନି), ଦ ଅନଟୋଲ୍ଡ ଷ୍ଟୋରି (ଅକ୍ଷୟ କୁମାର), ‘ୟେ ୱତନ ମେରି ୱତନ’ (ସାରା ଅଲ୍ଲୀ ଖାଁ), ‘ସରଜମିନ୍’ (ଇବ୍ରାହିମ୍ ଖାଁ) ଏବଂ ‘ମିଷ୍ଟର ଆଣ୍ଡ ମିସେସ ମାହି’ (ରାଜକୁମାର ରାଓ, ଜାହ୍ନବୀ କପୁର)। ଏଗୁଡିକ ମଧ୍ୟରୁ ‘ୟେ ୱତନ ମେରି ୱତନ’ ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାକୁ ଥିବା ବେଳେ ଅନ୍ୟଗୁଡିକୁ ଦର୍ଶକ ପ୍ରେକ୍ଷାଳୟରେ ଦେଖିପାରିବେ। ଏ ନେଇ କରନ୍ କହନ୍ତି, ‘ମୁଁ ସବୁବେଳେ ଦର୍ଶକଙ୍କୁ ଡିଫରେଣ୍ଟ ଫ୍ଲେଭରର ସିନେମା ଭେଟି ଦେବାକୁ ଚେଷ୍ଟା କରେ। ଦର୍ଶକ ମୋ ସିନେମାକୁ ଯେତିକି ଭଲ ପାଇବା ଦେଇଛନ୍ତି ସେ ନେଇ ସେମାନଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। କାରଣ ସେମାନଙ୍କ ପାଇଁ ହିଁ ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।’ ତେବେ ଏହି ସିନେମାଗୁଡିକରେ କି ପ୍ରକାର ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।



କରନ୍

# ରହସ୍ୟ ଖୋଲିଲେ କରୀନା

ରାକେଶ ରୋଶନଙ୍କ ‘କହୋ ନା ପ୍ୟାର ହୈ’ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ତାଙ୍କର ପୁଅ ହୃତିକ। ରହସ୍ୟ ରୋମାଞ୍ଚ ଭରା ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଉକ୍ତ ସିନେମାକୁ ନେଇ ଏକ ରହସ୍ୟ ନିକଟରେ ଖୋଲିଛନ୍ତି କରୀନା କପୁର। କଥା କ’ଣ କି ଏହି ଫିଲ୍ମର ନାୟିକା ସାଜିବାକୁ ତାଙ୍କୁ ସେତେବେଳେ ଅଫର ଦିଆଯାଇଥିଲା। ଏହା ବିଷୟରେ ସେ ତାଙ୍କର ମାମା ବବିତା କପୁରଙ୍କ ସହ ଆଲୋଚନା କରିଥିଲେ। ଆଉ ତା’ପରେ ଏଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଇଥିଲେ। ଏହାର କାରଣ ସମ୍ପର୍କରେ କରୀନା କହନ୍ତି, ‘ଯେତେବେଳେ ଏହି ଫିଲ୍ମ ବିଷୟରେ ମୁଁ ମାମାଙ୍କ ସହ ଆଲୋଚନା କଲି ସେ ମୋ ରୋଲକୁ ନେଇ ସନ୍ତୁଷ୍ଟ ନ ଥିଲେ। ସେ କହିଥିଲେ ଯେ ହୃତିକ ଏଥିରେ ଡବଲ ରୋଲରେ ଅଭିନୟ କରିବେ। ତେଣୁ ତୋ ଭୂମିକାର ଗୁରୁତ୍ୱ ରହିବ ନାହିଁ ବୋଲି ମୁଁ ଜାଣିପାରୁଛି। ତେଣୁ ତୁ ଏହି ଅଫରଟିକୁ ଗ୍ରହଣ ନ କରିବା ଭଲ। ବାସ୍, ତା’ପରେ ମୁଁ ଅଫରଟିକୁ ହାତଛଡା କରିଥିଲି। ଆଉ ମୋ ଜାଗାରେ ଅମୀଷା ପଟେଲଙ୍କୁ ସାଇନ୍ କରାଯାଇଥିଲା।’ କେବଳ ସେତିକି ନୁହେଁ, ଦୀପା ମେହେଟ୍ଟାଙ୍କ ‘ୱାଟର’ ଅଫର୍‌କୁ ମଧ୍ୟ ହାତଛଡା କରିଥିଲେ କରୀନା।



କରୀନା

# ଇଲିୟାନାଙ୍କ ଫିଟନେସ୍ ରାଜ୍

ଇଲିୟାନା ଡି’କ୍ରୁଜ୍ ସବୁବେଳେ ଗୋଟିଏ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାଆନ୍ତି। ତାହା ହେଲା ତାଙ୍କର ଫିଟ୍‌ନେସ୍। ଏଥିପାଇଁ ସେ ପ୍ରତିଦିନ ଯେତେ ବ୍ୟସ୍ତ ଥିଲେ ମଧ୍ୟ ସକାଳୁ ଘଣ୍ଟାଏ ଜିମ୍ ଯିବାକୁ ଆଦୌ ଭୁଲି ନ ଥାନ୍ତି। ନିଜର ସ୍ଲିମ୍ ଟ୍ରିମ୍ ଫିଗର ବିଷୟରେ ସେ କହନ୍ତି, ‘ବର୍ତ୍ତମାନ ସବୁଠାରୁ ବଡ କଥା ହେଲା ନିଜକୁ ଫିଟ୍ ରଖିବା। ତେଣୁ ଏ ନେଇ ମୁଁ ସବୁବେଳେ ସଚେତନ ଥାଏ। ପ୍ରତିଦିନ ସକାଳେ ଘଣ୍ଟାଏ ଯେମିତି ହେଲେ ଜିମ୍‌ରେ କଟାଏ। ଏହାବ୍ୟତୀତ ଡାଏଟିଂ ପ୍ରତି ସଚେତନ ରହିବାକୁ ପଡେ। ତା’ସହ ପ୍ରତିବର୍ଷ ଥରେ ନ ହେଲେ ଦୁଇ ଥର ବଡି ଚେକ୍ ଅପ୍ କରାଇ ନିଏ।’ ଇଲିୟାନାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ତାମିଲ ଫିଲ୍ମ ‘ଦେବଦାସୁ’ରୁ। ୨୦୦୬ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିଦେଇଥିଲା। ଏହାପରେ ସେ ତେଲୁଗୁ ଫିଲ୍ମ ‘ପୋକ୍‌ରି’, ଜଲ୍‌ସା’ ଏବଂ ‘କିକ୍’ରେ ଅଭିନୟ କରି ନିଜକୁ ଜଣେ ଦକ୍ଷ ଅଭିନେତ୍ରୀ ଭାବରେ ପ୍ରତିପାଦିତ କରିପାରିଥିଲେ। ଇଲିୟାନାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ‘ବର୍ଫି’ରୁ।



ଇଲିୟାନା

# ଚାଲିଛି ଆକ୍ସନ ଟ୍ରେନିଂ

ବରୁଣ ଧାୱନ ଏବେ ଟ୍ରେନିଂ ନେଉଛନ୍ତି। ସେଥିପାଇଁ ତାଙ୍କୁ ପାଖାପାଖି ମାସେ ପର୍ଯ୍ୟନ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାମଗୁଡିକୁ ଘୁଞ୍ଚାଇବାକୁ ବି ପଡିଛି। ମନ ଧ୍ୟାନ ଦେଇ ସେ ଏହି କାମ କରୁଛନ୍ତି। କଥା କ’ଣ କି ‘ସିଟାଡେଲ୍’ ୱେବ୍ ସିରିଜ ପାଇଁ ତାଙ୍କୁ ଆକ୍ସନ ଟ୍ରେନିଂ ନେବାକୁ ପଡୁଛି। କେବଳ ସେ ନୁହନ୍ତି, ତାଙ୍କ ସହ ଅଛନ୍ତି ଅଭିନେତା ସିକନ୍ଦର ଖେର। ଏ ନେଇ ବରୁଣ କହନ୍ତି, ‘ଏହି ସିରିଜ୍‌ର କାହାଣୀ ବିଷୟରେ ସୂଚନା ପାଇବା ପରେ ଏ ନେଇ ମୁଁ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଥିଲି। ହେଲେ ସେହି ସମୟରେ ପ୍ରଯୋଜନା ସଂସ୍ଥା ଆକ୍ସନ ଟ୍ରେନିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାର ଜାଣିବାକୁ ପାଇଲି। ବାସ୍, ତା’ପରେ ମୁଁ ଏବଂ ସିକନ୍ଦର ଏହି କାମରେ ନିଜକୁ ନିୟୋଜିତ ରଖିଛୁ। ବିଶେଷ ଭାବରେ ମୋତେ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ଭଲ ଲାଗିଥାଏ। ଏଭଳି ଶଟ୍ ଦେବାରେ ମଜା ନିଆରା। ‘ସିଟାଡେଲ୍’ ସିରିଜ୍‌ରେ ଦର୍ଶକ ଭିନ୍ନ ଧରଣର ଆକ୍ସନ ସିକ୍ୱେନ୍ସ ଦେଖିବାକୁ ପାଇବେ।’ ଏହି ସିରିଜ୍‌ରେ ବରୁଣ, ସିକନ୍ଦରଙ୍କ ବ୍ୟତୀତ ସାମନ୍ଥା ରୁଥ୍ ପ୍ରଭୁ ମଧ୍ୟ ଅଭିନୟ କରିବେ। ଏହାର ପ୍ରଯୋଜନା କରିଛନ୍ତି ‘ଦ ଫ୍ୟାମିଲି ମ୍ୟାନ୍’ର ପ୍ରଯୋଜକ ରାଜ୍ ଏବଂ ଡିକେ। ବରୁଣଙ୍କ ଆଗାମୀ ଫିଲ୍ମ ‘ବୱାଲ୍’ ଚଳିତ ବର୍ଷ ଅକ୍ଟୋବର ୧୬ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଜାହ୍ନବୀ କପୁର।



ବରୁଣ

# ଚ୍ୟାଲେଞ୍ଜ ଦେବେ ସ୍ୱରାଜ

ସ୍ୱରାଜ ବାରିକ ଏକ ଭିନ୍ନ ଗେଟଅପରେ ଦର୍ଶକଙ୍କ ସାମନାକୁ ଆସିବେ। କେବଳ ଗେଟଅପ ନୁହେଁ, ଭୂମିକାରେ ମଧ୍ୟ ନୂତନତ୍ୱ ରହିଛି। ଆଉ ଏଭଳି ଏକ ରୋଲ୍‌ର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ଫିଲ୍ମଟିର ଟାଇଟଲ ହେଲା ‘ପ୍ରଥା’। କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ନିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶ ଅହଲାୱଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ସ୍ୱରାଜ ଏକ ନୂତନ ଧରଣର ଚରିତ୍ରରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ପୁଣି ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର ‘ପ୍ରଥା’ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।



‘ପ୍ରଥା’ ଫିଲ୍ମରେ ସ୍ୱରାଜ

ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ବୋଉ ପାଇଁ ରେଡିଓ କିଣିଥିଲି



ଶିକ୍ଷାବିତ୍, ଗ୍ରନ୍ଥକାର, ଗୀତିକାର **ଡ. ତପୋଧନ ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କେ**ନ୍ଦୁଝର ଜିଲା ଓରାଳି ଗ୍ରାମରେ ମୋ ଜନ୍ମ। ମୁକୁନ୍ଦଚରଣ ବିଦ୍ୟାମନ୍ଦିରରୁ ହାଇସ୍କୁଲ୍ ପଢା ସାରି ଭଦ୍ରକ କଲେଜ ଓ ପରେ ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା କରିଥିଲି। ୧୯୭୬ ମସିହାରେ ସରକାରୀ କଲେଜ, ରାଉରକେଲାରେ ରସାୟନ ବିଜ୍ଞାନର ଅଧ୍ୟାପକ ଭାବେ ମୋର ଚାକିରି ଜୀବନ ଆରମ୍ଭ ହୋଇଥିଲା। ଆଉ ସେଠାରେ କେମେଷ୍ଟ୍ରି ଲାବରେଟରିରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଏଚ୍‌ଡି ଲାଭ କରିଥିଲି। ତେବେ ହେତୁ ହବା ଦିନରୁ ଦେଖିଛି ରାତି ପାହିବାର ବହୁ ପୂର୍ବରୁ ବୋଉ ବିଛଣାରୁ ଉଠି ନିତ୍ୟକର୍ମ ସାରି ପୋଖରୀକୁ ଗାଧୋଇଯାଏ। ତା'ପରେ ଠାକୁର ପୂଜା ସାରି ଭାଗବତ ପଢେ। ସେହି ପଢାରେ ମୋ ନିଦ ଭାଙ୍ଗେ। ମୁହଁ ଧୋଇ ଦାନ୍ତ ଘଷିବା ବେଳେ ଦେଖେ, ବୋଉ ଠାକୁର ଘରୁ ଉଠିଯାଇ ଚୁପ୍‌କିନା ବସି କାନପାରି ଶୁଣିବାକୁ ଚେଷ୍ଟା କରୁଥାଏ ଅସ୍ପଷ୍ଟ ଭାବରେ ଗାଁ ଦାଣ୍ଡ ସେ ପାଖ ପଡୋଶୀଙ୍କ ଘରୁ ରେଡିଓରୁ ଭାସି ଆସୁଥିବା ଭକ୍ତିଗୀତ କାର୍ଯ୍ୟକ୍ରମ ବନ୍ଦନା। ଏସବୁରେ କେବେ ବି ସାମାନ୍ୟ ବିଚ୍ୟୁତ ହେବାର ମୁଁ ଦେଖିନି। ମୁଁ ଯେବେ କାନ ପାରେ ଗୀତ ଗୁଡ଼ିକ ସ୍ପଷ୍ଟ ଶୁଭେ ନାହିଁ। କିନ୍ତୁ ପଚାରିଲେ ବୋଉ କହେ– ମତେ ଭଲ ଲାଗୁଛି ସେଇ ଗୀତ, ସେଇ ସ୍ୱର ସବୁ। ମୁଁ ଅବାକ୍ ହୁଏ। ସେତେବେଳେ ସରକାରୀ କଲେଜରେ ମୁଁ ଅଧ୍ୟାପକ ଥାଏ ଆଡ୍‌ହକ୍ ବେସିସ୍‌ରେ। ପରେ ଅବଶ୍ୟ ପି.ଏସ୍.ସି ପାଇ ଚାକିରି ସ୍ଥାୟୀ ହୋଇ ଯାଇଥିଲା ସେଇ କଲେଜରେ। ଆଡ୍‌ହକ୍ ସମୟରେ ୨/୩ ମାସରେ ଥରେ ଦରମା ଆସେ। ସେବେ ମାସିକ ୫୨୫ ଟଙ୍କା ଥାଏ ବେସିକ୍ ପେ'। ୩ ମାସର ଦରମା ଏକାଥରେ ଯେବେ ପାଇଲି, ଭାରି ଖୁସି ଲାଗିଲା। ଆର୍ଥିକ ଅଭାବ ଅନାଟନ ଭିତରେ ମୋର ପଢା ସମାପ୍ତ ହୋଇଥିଲା। ଚାକିରି କଲା ପର୍ଯ୍ୟନ୍ତ ମୋର ହାତପିନ୍ଧା ଘଣ୍ଟାଟିଏ ବି ନଥିଲା। ଭାବିଲି ଏଇ ଟଙ୍କାରେ ପ୍ରଥମେ ବୋଉ ପାଇଁ ଟ୍ରାନ୍‌ଜିଷ୍ଟରଟିଏ କିଣିବି। ଘଣ୍ଟା କଥା ପରେ ଦେଖାଯିବ। ଏହା ଚିନ୍ତାକରି ରାଉରକେଲାରୁ ଫିଲିପ୍ସ କମ୍ପାନୀର ରେଡିଓଟିଏ କିଣିଲି ଆଉ ଗାଁ ଅଭିମୁଖେ ବାହାରିଲି। ଘସିପୁରା ଡଙ୍ଗାଘାଟରେ ରାତି ସାଢେ ୩ଟାରେ ବସ୍‌ରୁ ଓହ୍ଲାଇ ଡଙ୍ଗାକୁ ଅପେକ୍ଷା କରି ରହିଲି ସକାଳ ହବାଯାଏ। ଡଙ୍ଗାରେ ବୈତରଣୀ ପାର ହୋଇ ପ୍ରଥମ ବସ୍ ଧରି ଓରାଳି ଛକରେ ଓହ୍ଲାଇ ପହଁଞ୍ଚିଲି ଘରେ। ବୋଉକୁ ଜୁହାର ହେବାରୁ ସେ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠିଲା ମୋତେ ଦେଖି। ବୋଉକୁ ରେଡିଓ ଥିବା ପ୍ୟାକେଟ୍‌ଟିକୁ ଧରେଇ ଦେଇ କହିଲି– ତୋ ପାଇଁ ଆଣିଛି ମୋ ପ୍ରଥମ ରୋଜଗାରର ଦରମା ଟଙ୍କାରେ। ସେ କହିଲା– ଏଇଟା କ'ଣରେ ? ମୁଁ କହିଲି– ଖୋଲି କି ଦେଖ୍। ଭାଇଭଉଣୀ ଆସି ସମସ୍ତେ ଘେରି ଯାଇଥିଲେ ମୋତେ। ଖୋଲି ଦେଖି କହିଲା– ଓ ରେଡିଓ! ତା'ପରେ ଦେଖିଲି ତା' ଆଖି ଛଳଛଳ ହୋଇଯାଇଛି। ମୁଁ ବି ମୋ ଆଖିର ଲୁହକୁ ଅଟକାଇ ପାରିଲି ନାହିଁ। ବୋଉକୁ କହିଲି– ତୋତେ ଆଉ ଭୋରୁ ଭୋରୁ ଠାକୁର ପୂଜା ସାରି ଦାଣ୍ଡ ପିଣ୍ଡାରେ ବସି ପଡିଶା ଘରକୁ କାନ ପାରିବାକୁ ହବ ନାହିଁ। ଏଇଠି ଘରେ ବସି ନିଇତି ଶୁଣିବୁ ସେଇ ଭକ୍ତିଗୀତ। ସେଦିନ ବୋଉ ସେହି ରେଡିଓଟିକୁ ଗାଁର ସମସ୍ତଙ୍କୁ ଦେଖେଇ ଭାରି ଖୁସି ହେଲା। ହେଲେ ଦୁଃଖର ବିଷୟ ୧୯୯୦ ମସିହାରେ ବୋଉ ଆରପାରିକୁ ଚାଲିଗଲା। କିନ୍ତୁ ଶେଷ ନିଶ୍ୱାସ ଛାଡିବା ପର୍ଯ୍ୟନ୍ତ ସେଇ ରେଡିଓଟି ଥିଲା ତା'ର ନିତ୍ୟ ସହଚର। ସକାଳେ, ଖରାବେଳେ, ସଞ୍ଜରେ ନିତି ବସି ଶୁଣୁଥିଲା ଯେବେ ବାଜୁଥିଲା ଭକ୍ତିଗୀତ। ଏବେ ସେହି ରେଡିଓଟି ତା'ର ସବା ସାନଝିଅ ପାଖରେ ଅଛି। ସେ ବି ଶୁଣୁଛି ସେଇ ଭକ୍ତିଗୀତ ଆଉ ପଢୁଛି ଭାଗବତ। ହେଲେ ବୋଉ ଆଉ ନାହିଁ ଆମ ପାଖରେ।

# ସୁନ୍ଦରୀ ହସକୁ ଭରସା ନାହିଁ, ପ୍ରେମିକା ବାଟକୁ ରହିଛି ଚାହିଁ

ସାଥୀ



**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ସେ ମୋତେ ଦେଖିଲେ କେବଳ ହସି ଦେଉଛି। ତେବେ ତା'ର ସେହି ହସରେ କ'ଣ ଲୁଚି ରହିଛି ତାହା ମୁଁ ଜାଣିପାରୁନାହିଁ। କ'ଣ କରିବି ?

*–ତପନ ଦାସ, ବଡବିଲ*

**ଉତ୍ତର:** ସୁନ୍ଦରୀ ଜଣଙ୍କ ଆପଣଙ୍କ ମନ ଭିତରେ ସତରେ ଘର କରିଛି ନା ଆପଣ ପ୍ରେମରେ ମତୁଆଲା ହୋଇ ସେମିତି ଭାବୁଛନ୍ତି ? ଯଦି ଭାବନାରେ ଏତେ ବାଟ ଆଗେଇ ଗଲେଣି ତେବେ ସେଠାରେ ଟିକେ ବିରାମ ଦେଇ ଥଣ୍ଡା ମନରେ ଚିନ୍ତା କରନ୍ତୁ। କାରଣ ଆପଣ ବୋଧହୁଏ ସପନ ରାଇଜରେ ପହଁଚୁଛନ୍ତି। 'ସୁନ୍ଦରୀ ହସକୁ ଭରସା ନାହିଁ, ପ୍ରେମିକା ବାଟକୁ ରହିଛି ଚାହିଁ।' ଯଦି ସେହି ହସରେ ପ୍ରେମ ଅଛି କି ନାହିଁ ଜାଣିବାକୁ ଚାହୁଁଛନ୍ତି, ତେବେ ତାଙ୍କ ସହ ସାକ୍ଷାତ ହେଲେ ବେଳକାଳ ଦେଖି ପଚାରି ଦେବା ଠିକ୍ ହେବ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ ତାହା ମରିଚିକା ପଛରେ ଗୋଡାଇବା ପରି ହେବ।

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାହାକୁ ଗ୍ରହଣ କରିବ ତ ?

*–ଅନିକେତ, ପୁରୀ*

**ଉତ୍ତର:**'ସ୍ୱପ୍ନ ସୁନ୍ଦରୀ କନକ ଗୋରୀ, ତା' ଚାହାଣୀ କରିଛି ମନକୁ ଚୋରି।' ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ–**ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–ତପନ ନାୟକ, ବ୍ରହ୍ମପୁର*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେଇପାରେ। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ–**ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ତାପସ, ବାଲିକୁଦା, ଜଗତସିଂହପୁର*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

# ଆନିମଲ୍ ଇନ୍‌ସ୍ପାୟର୍ଡ ଜୁଏଲାରୀ



**ପାରମ୍ପରିକ ଗହଣା ପିନ୍ଧି ପିନ୍ଧି ଯଦି ବୋର୍ ଲାଗିଲାଣି ଓ କିଛି ଭିନ୍ନ ଡିଜାଇନ୍‌ର ଜୁଏଲାରୀ ଟ୍ରାଏ କରିବାକୁ ଚାହୁଁଛନ୍ତି । ତେବେ ଆନିମଲ୍ ଇନ୍‌ସ୍ପାୟର୍ଡ ଜୁଏଲାରୀ ଟ୍ରାଏ କରନ୍ତୁ। ଏହା ଲୁକ୍‌କୁ ତ ବଦଳାଇବ ତା'ସହ ଆପଣଙ୍କୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ବି କରିଦେବ....**



**ରିଙ୍ଗ:** ହାତ ଆଙ୍ଗୁଳିକୁ ଚାପି ଧରିଥିବା ଛୋଟିଆ କ୍ୟୁଟ୍ ବିଲେଇ ହେଉ କି ବାଘ, ଭାଲୁ ଅବା ପାଣ୍ଡାର ର୍‌ୟାପ ଅରାଉଣ୍ଡ ମୁଦି, ଏସବୁ କେମିତି ଲାଗିବ ଥରେ ଭାବିଲେ। ଏହି ଆନିମଲ ଇନ୍‌ସ୍ପାୟର୍ଡ ର୍‌ୟାପ୍ ଅରାଉଣ୍ଡ ରିଙ୍ଗ ସୁପର୍ କ୍ୟୁଟ୍ ଲାଗେ। ଖାସ୍ କରି ରୁପା ଓ ପ୍ଲାଟିନମ୍‌ରେ ତିଆରି ଏହି ଡିଜାଇନ୍‌ର ମୁଦି ହାତକୁ ବହୁତ ଭଲ ଦେଖାଯାଇଥାଏ।



**ଇୟର କଫ୍:** ଷ୍ଟଡ୍, ହୁପ୍ ଓ ଡାଙ୍ଗଲର୍ ଇୟରରିଂ ତ ସମସ୍ତେ ପିନ୍ଧିଥିବେ। ତେବେ ଥରେ ଡ୍ରାଗନ୍ ଇୟର କଫ୍ ଟ୍ରାଏ କରନ୍ତୁ। ଦେଖିବେ ଏହା ଆପଣଙ୍କ ଲୁକ୍‌କୁ କେମିତି ଗ୍ଲାମର୍ସ କରିଦେବ। ସେହିଭଳି ସ୍ନେକ୍, ବଟରଫ୍ଲାଏ, ଅକ୍ଟୋପସ୍, ଟାଇଗର୍ ଆଦି ପ୍ରାଣୀ ଡିଜାଇନ୍‌ର ଇୟର୍ କଫ୍ ବି ଟ୍ରାଏ କରିପାରିବେ। ଧଳା ସାର୍ଟ ସହ ବ୍ଲାକ୍ ପ୍ୟାଣ୍ଟରେ ଏହାକୁ ଟ୍ରାଏ କରନ୍ତୁ ଦେଖିବେ ବେଶ୍ ଷ୍ଟାଇଲିଶ୍ ଲୁକ୍ ମିଳିବ।

**ପେଣ୍ଡେଣ୍ଟ:** ଆନିମଲ ଇନସ୍ପାୟର୍ଡ ଇୟରରିଂ, ମୁଦି ସହ ଯଦି ଅନ୍ୟ କିଛି ଜୁଏଲାରୀ ମ୍ୟାଚ୍ କରିବାକୁ ଚାହୁଁଛନ୍ତି ତେବେ ଆନିମଲ ଇନ୍‌ସ୍ପାୟର୍ଡ ପେଣ୍ଡେଣ୍ଟ ଟ୍ରାଏ କରିପାରିବେ। ଏହାର ସେମି ପ୍ରିସିଅସ୍ ଓ ପ୍ରିସିଅସ୍ ପେଣ୍ଡେଣ୍ଟ ଆପଣ ପାଇଯିବେ। ରୋରିଂ ଲାୟନ ବା ଗର୍ଜନ କରୁଥିବା ସିଂହଠୁ ଆରମ୍ଭ କରି ରାବିଟ୍, ଡ୍ରାଗନ୍, ସ୍ନେକ୍ ଭଳି ଅନେକ ପ୍ରକାରର ପେଣ୍ଡେଣ୍ଟ ମିଳୁଛି। ନିଜ ପର୍ସନାଲିଟିକୁ ସୁଟ୍ କଲାଭଳି ପେଣ୍ଡେଣ୍ଟ ଆପଣ ବାଛିପାରିବେ।





**ନେକ୍‌ଲେସ୍:** ନିକଟରେ କ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ କ୍ରୋକୋଡାଇଲ୍ ନେକ୍‌ଲେସ୍ ପିନ୍ଧି ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା ବେଶ୍ ଚର୍ଚ୍ଚାକୁ ଆସିଥିଲେ। ଏହି ନେକ୍‌ଲେସ୍ ତାଙ୍କୁ ଡିଫରେଣ୍ଟ ଲୁକ୍ ଦେଉଥିଲା। ସେହିଭଳି କ୍ରିତି ସାନନ୍‌ଙ୍କ ସ୍ନେକ ନେକ୍‌ଲେସ୍ ବି ତାଙ୍କୁ ବେଶ୍ ମାନୁଥିଲା। ଆଜିକାଲି ଏହିଭଳି ନେକ୍‌ଲେସ୍‌ର ଫ୍ୟାଶନ୍ ଚାଲିଛି। ତେଣୁ ଏହାକୁ ଟ୍ରାଏ କରିପାରିବେ।

**ବ୍ରୁଚ୍:** ହାତୀ, ସିଂହ, ମୟୂର, ଡଲଫିନ୍ ପରି ବିଭିନ୍ନ ପ୍ରକାରର ଆନିମଲ୍ ବ୍ରୁଚ୍ ବଜାରରେ ଉପଲବ୍ଧ ହେଉଛି। ନିଜ ବଜେଟ୍ ଅନୁସାରେ ସୁନା, ହୀରା ଅବା ପ୍ଲାଟିନମ୍‌ର ବ୍ରୁଚ୍ ପୋଷାକରେ ବ୍ୟବହାର କରିପାରିବେ। ଏହା ଆପଣଙ୍କ ଷ୍ଟାଟସ୍‌କୁ ବି ଦର୍ଶାଇବ।

**ଆଙ୍କଲେଟ୍:** ପାଦକୁ ଷ୍ଟାଇଲିଶ୍ ଲୁକ୍ ଦିଏ ଆଙ୍କଲେଟ୍। ତେବେ ଆଜିକାଲି ମିଳୁଥିବା ଡଲଫିନ୍, ସ୍ନେକ ପରି ଡିଜାଇନ୍‌ର ଆଙ୍କଲେଟ୍ ଫଙ୍କି ଲୁକ୍ ଦେବା ସହ ପାଦକୁ ଆକର୍ଷକ ବି କରୁଛି। ତେଣୁ ଏହାକୁ ଟ୍ରାଏ କରିପାରିବେ।



**ବ୍ରେସ୍‌ଲେଟ୍:** ଲେପର୍ଡ, ସିଂହ, ସାପ, ପ୍ରଜାପତି, ଡଲଫିନ୍ ଭଳି ବିଭିନ୍ନ ପ୍ରାଣୀଙ୍କ ଡିଜାଇନ୍‌ର ବ୍ରେସଲେଟ୍ ଆଜିକାଲି ବଜାରରେ ଉପଲବ୍ଧ ହେଉଛି। ଅନେକ ସେଲିବ୍ରିଟି ମଧ୍ୟ ଏହାକୁ ପିନ୍ଧୁଥିବା ଦେଖିବାକୁ ମିଳେ। ଏହାକୁ ବି ଟ୍ରାଏ କରିପାରିବେ।



ପ୍ରୀତି

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମିଟୁ ଫ୍ୟାଶନ ଫଟୋଗ୍ରାଫୀ

## ହାଃ ହାଃ

### ଯୋଡି

ବନ ବାବୁଙ୍କ ଘରକୁ ମନୋଜ ଯାଇଥାନ୍ତି ସେଠି ବନ ବାବୁଙ୍କ ସ୍ତ୍ରୀଙ୍କୁ ଦେଖି ମନୋଜ: ଆଜ୍ଞା, ଆପଣ ଦୁହିଁଙ୍କ ଯୋଡ଼ି ତ ପୁରା ରାମସୀତାଙ୍କ ପରି।

ବନ ବାବୁ: ମିଛ କାହିଁକି କହୁଛ କହିଲ। ନା ସେ ଭୂମି ଭିତରେ ଲୀନ ହେଉଛି ନା ହିଁ କୌଣସି ରାବଣ ତାକୁ ନେଉଛି।

### ରୋଷେଇ

ସ୍ତ୍ରୀ ରାଗିକି ସ୍ୱାମୀଙ୍କୁ: ମୁଁ ଆଜିଠୁ ଆଉ ରୋଷେଇ କରିପାରିବିନି।

ସ୍ୱାମୀ: ତା'ହେଲେ କିଏ କରିବ ?

ସ୍ତ୍ରୀ: ତମେ।

ସ୍ୱାମୀ:ଏଇଟା ସମ୍ଭବ ନୁହେଁ।

ସ୍ତ୍ରୀ: କେଉଁ ନିୟମ କାନୁନରେ ଅଛି ଯେ, ସ୍ତ୍ରୀ ରୋଷେଇ କରିବ।


ସ୍ୱାମୀ: ପୃଥିବୀର ସବୁ ଜେଲ୍‌ରେ ପରା କଏଦୀଙ୍କୁ ଜେଲର୍ ହିଁ ଖାଇବାକୁ ଦିଅନ୍ତି।

### ବସିବ

ପପୁ ଥରେ ବସ୍‌ରେ ଯାଉଥାଏ। ପ୍ରବଳ ଗହଳି ଥିବାରୁ ଠେଲାପେଲାରେ ପପୁ ଜଣେ ଲଣ୍ଡାମୁଣ୍ଡିଆ ବ୍ୟକ୍ତିଙ୍କ କୋଳରେ ବସିପଡ଼ିଲେ। ଲଣ୍ଡାମୁଣ୍ଡିଆ ବ୍ୟକ୍ତି ରାଗିଯାଇ: କୋଳରେ କାହିଁକି ବସୁଛ। ଆସୁନ ମୋ ମୁଣ୍ଡ ଉପରେ ବସିବ।

ପପୁ: ଥ୍ୟାଙ୍କ୍ ୟୁ ଅଙ୍କଲ। ହେଲେ ଆପଣଙ୍କ ଚିକ୍କଣ ମୁଣ୍ଡରେ ବସିଲେ ମୁଁ ଖସିକି ପଡ଼ିଯିବି।





# ମହାରାଷ୍ଟ୍ରର ଜଳପ୍ରପାତ


**ଖରାଦିନେ ପାଣି ପାଖରେ ସମୟ କାଟିଲେ ନିଆରା ଆନନ୍ଦ ମିଳେ। ତେଣିକି ସେ ନୀଳ ସମୁଦ୍ର ହେଉ ଅବା ଜଳପ୍ରପାତ ବା ଝରଣାର ଜଳ। ମହାରାଷ୍ଟ୍ରରେ କିନ୍ତୁ ଏସବୁ କିଛି ଉପଲବ୍ଧ। ହେଲେ ବେଶୀ ଭିଡ଼ ଦେଖିବାକୁ ମିଳେ ସମୁଦ୍ରତଟରେ। ତେଣୁ ଯେଉଁମାନଙ୍କୁ ଭିଡ଼ ପସନ୍ଦ ନୁହେଁ ଅଥଚ ପାଣିର କଳକଳ ନାଦ ପ୍ରିୟ ଲାଗେ ସେମାନଙ୍କ ପାଇଁ ମହାରାଷ୍ଟ୍ରର କେତୋଟି ଲୋକପ୍ରିୟ ଜଳପ୍ରପାତ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଗଲା। ଯେଉଁଠାକୁ ପରିବାର ସଙ୍ଗେ ବୁଲିଯାଇ ପର୍ଯ୍ୟଟକ ନିଆରା ଆନନ୍ଦ ଲଭିବା ସହ ଖରାଦିନେ ଶାନ୍ତି ଅନୁଭବ କରିପାରିବେ...**

**✻ମାଲସେଜ ଜଳପ୍ରପାତ:** କଳକଳ ନାଦ କରି ବୋହି ଯାଉଥିବା ଏହି ଜଳପ୍ରପାତର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ବର୍ଷକ ବାରମାସ ଏଠାକୁ ଯିବାର ସୁବିଧା ରହିଛି। ଏଠାକୁ ବୁଲିଯିବା ପାଇଁ କୌଣସି ଏଣ୍ଟ୍ରି ଟିକେଟ୍ ପଡେନାହିଁ।


**✻ପାଣ୍ଡଭକଡ଼ା ଜଳପ୍ରପାତ:** ଫ୍ୟାମିଲି ପିକ୍ନିକ୍ ପାଇଁ ଏହି ସ୍ଥାନଟି ବେଷ୍ଟ ହୋଇଥାଏ। ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏଠାରେ ଗାଧୋଇବାର ମଧ୍ୟ ସୁବିଧା ରହିଛି। ପ୍ରାୟ ୧୦୭ ମିଟର ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତରୁ ଝରି ଆସୁଥିବା ଜଳଧାରା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏଠାକୁ ବୁଲିଯିବା ପାଇଁ ପର୍ଯ୍ୟଟକଙ୍କୁ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁମତି ମିଳେ। କିନ୍ତୁ କୌଣସି ଏଣ୍ଟ୍ରି ଟିକେଟ୍ ପଡେ ନାହିଁ।

**✻ ରାନ୍ଧା ଜଳପ୍ରପାତ:** ଏହା ମଧ୍ୟ ମହାରାଷ୍ଟ୍ରସ୍ଥିତ ଅନ୍ୟତମ ଲୋକପ୍ରିୟ ଜଳପ୍ରପାତ। ପ୍ରାୟ ୧୭୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତରେ ଆସୁଥିବା ଜଳର ସ୍ରୋତ କିନ୍ତୁ ଖୁବ୍ ପ୍ରଖର ହୋଇଥାଏ। ବିଶେଷକରି ବର୍ଷାଦିନେ ତ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ଦେଖିବା ଯୋଗ୍ୟ ହୋଇଥାଏ। ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ। ଏଣ୍ଟ୍ରିଟିକେଟ୍ ନଥିବାରୁ ପର୍ଯ୍ୟଟକଙ୍କୁ ବୁଲିବାକୁ ସୁବିଧା ହୁଏ।

**✻ଚାଇନାମ୍ୟାନ୍ସ ଜଳପ୍ରପାତ:** ସୂଚନାନୁଯାୟୀ, ଏହି ଜଳପ୍ରପାତ ନିକଟରେ ଏକ ଗାର୍ଡେନ୍ ଥିବାର ଦେଖିବାକୁ ମିଳେ, ଯାହାକୁ ପୂର୍ବେ ଚାଇନାର କିଛି ଲୋକ ବୁଝାବୁଝି କରୁଥିଲେ। ସେଥିପାଇଁ ଏହାର ଏପରି ନାମକରଣ ହୋଇଥିବା ଜଣାଯାଏ। ତେବେ ପ୍ରାୟ ୫୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟିର ଆକର୍ଷଣୀୟ ରୂପକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କୁ ଏଠାରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁମତି ମିଳିଥାଏ।







**✻ ଧୋବି ଜଳପ୍ରପାତ:** ବର୍ଷର ସବୁ ସମୟରେ ବୁଲିଯିବା ଭଳି ଏହା ହେଉଛି ମହାରାଷ୍ଟ୍ରସ୍ଥିତ ଅନ୍ୟଏକ ଲୋକପ୍ରିୟ ଜଳପ୍ରପାତ। ପର୍ଯ୍ୟଟକଙ୍କୁ ଏଠାରେ ସକାଳ ୬ରୁ ସଂନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବୁଲିବାକୁ ଅନୁମତି ମିଳେ, ତା' ପୁଣି ସମ୍ପୂର୍ଣ୍ଣ ମାଗଣାରେ।

**✻ ସହସ୍ରକୁଣ୍ଡ ଜଳପ୍ରପାତ:** ମାତ୍ର ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟିର ପ୍ରାକୃତିକ ପରିବେଶ ଦେଖିବାକୁ ବହୁତ ଆକର୍ଷଣୀୟ ହୋଇଥାଏ। ଏଠାକାର ଶୀତଳ ଜଳରାଶିରେ ଗାଧୋଇ ପଡିଲେ ଖରାଦିନେ ବେଶ୍ ଆରାମ ଲାଗେ। ପରିବାର ସହିତ ନିରୋଳାରେ ସମୟ ବିତାଇବା ପାଇଁ ଏହି ସ୍ଥାନଟି ପରଫେକ୍ଟ ହୋଇଥାଏ।

**✻ ଜେନିଥ୍ ଜଳପ୍ରପାତ:** ୫୦ରୁ ୯୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପାହାଡରୁ ଝରି ଆସୁଥିବା ଏହି ଜଳପ୍ରପାତଟିର ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନଲୋଭା ହୋଇଥାଏ। ପର୍ଯ୍ୟଟକଙ୍କ ପାଇଁ ଏହା ବର୍ଷକ ବାରମାସ ଖୋଲା ରହିଥାଏ। ପ୍ରବେଶ ନିଃଶୁଳ୍କ ହୋଇଥିବାରୁ ପର୍ଯ୍ୟଟକଙ୍କର ବି ବେଶ୍ ଭିଡ଼ ଜମେ ଏଠାରେ।

**✻ ଭିହିଗାଓଁ ଜଳପ୍ରପାତ:** ୧୦୦ରୁ ୧୨୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟି ମହାରାଷ୍ଟ୍ରର ଅନ୍ୟତମ ପ୍ରସିଦ୍ଧ ଜଳପ୍ରପାତ ଅଟେ। ବିଶେଷକରି ବର୍ଷାଦିନେ ଏହି ଜଳପ୍ରପାତଟିର ସୌନ୍ଦର୍ଯ୍ୟ ଆହୁରି ଆକର୍ଷଣୀୟ ଲାଗିଥାଏ। ସେଥିପାଇଁ ବର୍ଷର ସବୁ ସମୟରେ ମୁଖ୍ୟତଃ ବର୍ଷାଦିନେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।


କେବଳ ଏତିକି ନୁହେଁ, ଲିଙ୍ଗାମାଲା ଜଳପ୍ରପାତ, ଅମ୍ବୋଲି ଜଳପ୍ରପାତ, ଦବଦବା ଜଳପ୍ରପାତ, ତାମହିନି ଜଳପ୍ରପାତ, ଥୋସ୍‌ଘର୍ ଜଳପ୍ରପାତ, ନାନ୍‌ଗର୍‌ଟାସ୍ ଜଳପ୍ରପାତ ଇତ୍ୟାଦି ହେଉଛି ମହାରାଷ୍ଟ୍ରସ୍ଥିତ ଆଉ କିଛି ପ୍ରମୁଖ ଜଳପ୍ରପାତ।





# ନ୍ୟାୟମୂର୍ତ୍ତିଙ୍କ କଥା...





ଫିଲ୍ମରେ 'କାନୁନ୍ ଅନ୍ଧା ହୈ' ଡାଇଲଗ୍ ଶୁଣିଥିବେ। ତେବେ କେବେ ଭାବିଛନ୍ତି କି ଏମିତି କାହିଁକି କୁହାଯାଏ। ଆଉ ଯେବେ ବି ଏକଥା ଭାବିଥିବେ କୋର୍ଟ ରୁମ୍‌ରେ ରହୁଥିବା ଏକ ମୂର୍ତ୍ତି ଯେଉଁଥିରେ ଜଣେ ନାରୀ ହାତରେ ତରାଜୁ ଓ ଆଖିରେ ପଟି ବନ୍ଧାଥାଏ ସେକଥା ମନକୁ ଆସିଥିବା ହେଲେ ଜାଣନ୍ତିକି ଏଇ ନାରୀ କିଏ ଓ ଏହି ମୂର୍ତ୍ତି ଦେଶ ଓ ବିଦେଶର କୋର୍ଟ ରୁମ୍‌ରେ କଣ ପାଇଁ ରଖାଯାଇଥାଏ ? ଜାଣନ୍ତୁ ସେ ସମ୍ପର୍କରେ...

**କୋ**ର୍ଟ ରୁମ୍‌ରେ ରଖା ଯାଉଥିବା ଏହି ମୂର୍ତ୍ତି ଗ୍ରୀକ୍ ପୌରାଣିକ କଥାର ନ୍ୟାୟର ଦେବୀ 'ଡାଇକ୍'ଙ୍କର ବୋଲି କୁହାଯାଏ। ଯେକି ଦେବୀ ଥେମିସ୍ ଓ ଜିଉସ୍‌ଙ୍କ କନ୍ୟା ଅଟନ୍ତି। ଏହି ମୂର୍ତ୍ତିରେ ଦେବୀ ଡାଇକ୍ ପ୍ରାଚୀନ ଗ୍ରୀକ୍ ସଭ୍ୟତାରେ ରାଜକୀୟ ଓ ଆଦରଣୀୟ ବ୍ୟକ୍ତି ପିନ୍ଧୁଥିବା ଶୈଳୀର ପୋଷାକ ପିନ୍ଧିବା ସହ ଆଖିରେ ପଟି, ହାତରେ ତରାଜୁ ଓ ପାଦ ତଳେ ସାପ ଥିବା ଦେଖିବାକୁ ମିଳେ। ଯାହାକୁ କି ଆମ ନ୍ୟାୟିକ ପ୍ରଣାଳୀର ନୈତିକତାର ବିଶେଷ ପ୍ରତୀକ ଭାବେ ଗ୍ରହଣ କରାଯାଏ। ହାତର ତରାଜୁ ଦର୍ଶାଏ ଯେ, ନ୍ୟାୟ ଦେବୀ ସତ – ମିଛକୁ ତଉଲି, ଉଭୟ ପକ୍ଷକୁ ଶୁଣି ନ୍ୟାୟ କରନ୍ତି। ମୂର୍ତ୍ତିର ଏହି ତରାଜୁ ଧାରଣ, ମିସର ସଂସ୍କୃତିରୁ ଆସିଥିବା କୁହାଯାଏ। ମିସରରେ ତରାଜୁକୁ ନ୍ୟାୟର ପ୍ରତୀକ ଭାବେ ଗ୍ରହଣ କରାଯାଏ। ମୂର୍ତ୍ତି ଆଖିରେ ପଟି ବନ୍ଧାଯିବା ଦର୍ଶାଏ କି ନ୍ୟାୟ ଦେବାବେଳେ ସେ ସାମ୍ନାରେ ଥିବା ବ୍ୟକ୍ତିଙ୍କ ଧନ, ପ୍ରତିପତୀ, ଶକ୍ତିକୁ ଦେଖନ୍ତି ନାହିଁ କି ତା'ଦ୍ୱାରା ପ୍ରଭାବିତ ବି ହୁଅନ୍ତି ନାହିଁ। କେବଳ ପ୍ରମାଣ ଓ ସାକ୍ଷୀକୁ ଆଧାର କରି ଫଇସଲା ଶୁଣାନ୍ତି। ଅର୍ଥାତ୍ ଆଇନ୍ ଆଖିରେ ସମସ୍ତେ ସମାନ ବୋଲି ଏହା ଦର୍ଶାଏ। ଯେମିତି ଈଶ୍ୱରଙ୍କ ନଜରରେ ସମସ୍ତେ ସମାନ ଓ କୌଣସି ଭେଦଭାବ ନ ଥାଏ, ସେହିଭଳି ନ୍ୟାୟ ଦେବୀ ବି ବଡ଼ ଛୋଟ ଦେଖନ୍ତି ନାହିଁ। ମୂର୍ତ୍ତିର ଏହି ଆଖିରେ ପଟି ବନ୍ଧା ଷୋଡ଼ଷ ଶତାବ୍ଦିରୁ ଆରମ୍ଭ ହୋଇଥିବା ଜଣାଯାଏ। ଏହାବାଦ ତାଙ୍କ ହାତରେ ଥିବା ଖଣ୍ଡା, ଯାହାକି କେବେ ତଳ ଆଡକୁ ତ କେବେ ଉପରକୁ ଥିବା ଦେଖିବାକୁ ମିଳେ ତାହା ପ୍ରାଧିକାର ଓ ଶକ୍ତିକୁ ଦର୍ଶାଏ। ଏହା ନ୍ୟାୟର ନିର୍ଣ୍ଣୟକୁ ଲାଗୁ କରିବାକୁ ଦର୍ଶାଏ। ତା'ସହ ଏହା ବି ବୁଝାଏ ଯେ, ନ୍ୟାୟ ଦେବୀ କେବଳ ନ୍ୟାୟ ପ୍ରଦାନ କରନ୍ତି ନାହିଁ ବରଂ ତାକୁ ପାଳନ କରାଇବାର ଶକ୍ତି ବି ସେ ରଖିଛନ୍ତି। ଶେଷରେ ପାଦ ତଳେ ଥିବା ସାପର ଅର୍ଥ ହେଉଛି ନ୍ୟାୟର ଦେବୀ ସମାଜର ଅନ୍ୟାୟକୁ ପାଦ ତଳେ ଦଳି ନଷ୍ଟ କରିଥାନ୍ତି।

## ୧୦୫ ବିବାହ, ୧୪ ଦେଶର ସ୍ୱାମୀ



**ବି**ବାହକୁ ସାତଜନ୍ମର ସମ୍ପର୍କ ବୋଲି କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଆମେରିକାର ଜିୟୋବନି ବିଗଲିୟୋଟୋ ନାମକ ଜଣେ ବ୍ୟକ୍ତି ଏହି ପବିତ୍ର ସମ୍ପର୍କକୁ ନିଜ ରୋଜଗାରର ମାଧ୍ୟମ କରି ଦେଇଥିଲେ। ଆଉ ୧୯୪୯ରୁ ୧୯୮୧ ମସିହା ମଧ୍ୟରେ ଆମେରିକା ସମେତ ୧୪ଟି ଦେଶର ୨୭ଟି ଅଲଗା ଅଲଗା ରାଜ୍ୟରେ ୧୦୫ଜଣ ମହିଳାଙ୍କୁ ସେ ବିବାହ କରିଥିଲେ। ଆଉ ଯେତେଥର ସେ ବିବାହ କରିଥିଲେ ନକଲି ପରିଚୟ ବ୍ୟବହାର କରିଥିଲେ। ବିଗଲିୟୋଟୋଙ୍କ ପ୍ରକୃତ ନାମ କେହି ଜାଣି ନ ଥିଲେ। ବିଗଲିୟୋଟୋ ନାମଟି ସେ ସେତେବେଳେ ବ୍ୟବହାର କରିଥିଲେ ଯେବେ ସେ ଶେଷଥର ବିବାହ କରିଥିଲେ। ସେ ପ୍ରଥମେ ମହିଳାଙ୍କୁ ନିଜ ପ୍ରେମ ଜାଲରେ ଫଶାଉଥିଲେ ଓ ବିବାହ କରିବା ପରେ ସେହି ପତ୍ନୀଙ୍କ ଟଙ୍କା ଓ ସମ୍ପତି ନେଇ ଫେରାର ହୋଇଯାଉଥିଲେ। ସ୍ତ୍ରୀମାନଙ୍କଠୁ ଆଣୁଥିବା ଜିନିଷକୁ ସେ ଚୋର ବଜାରରେ ବିକ୍ରି କରିଦେଉଥିଲେ। ଆଉ ନୂଆ ଶିକାର ସନ୍ଧାନରେ ବାହାରି ପଡୁଥିଲେ। ବିଗଲିୟୋଟୋଙ୍କୁ ଧରିବା ଏତେ ସହଜ ନ ଥିଲା। ତେବେ ତାଙ୍କୁ ଧରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ବିଗଲିୟୋଟୋର ଶେଷ ପତ୍ନୀ ଶେରୋନା କ୍ଲାର୍କ। ବିଗଲିୟୋଟୋ ତାଙ୍କୁ ଧୋକ୍କା ଦେଇ ଚାଲି ଆସିବା ପରେ ଶେରୋନା ତାଙ୍କୁ ନିଜେ ଖୋଜିବାକୁ ବାହାରିଥିଲେ। ଆଉ ବିଭିନ୍ନ ସହର ବୁଲିଥିଲେ। ଶେଷରେ ତାଙ୍କ ପ୍ରଚେଷ୍ଟାରେ ୨୮ ଡିସେମ୍ବର ୧୯୮୧ରେ ବିଗଲିୟୋଟୋ ଧରାପଡ଼ିଥିଲେ। ଆଉ ପୋଲିସ ତାଙ୍କ ଉପରେ ବହୁବିବାହ କରିବା ଓ ଧୋକାବାଜିର ଆରୋପ ଲଗାଇଥିଲେ। ତେବେ ବିଗଲିୟୋଟୋ ଏକ ସାକ୍ଷାତକାରରେ କହିଥିଲେଯେ, ମୋ ଉପରର ଆରୋପ ଭିତ୍ତିହୀନ । ମୁଁ କେବେ କୌଣସି ମହିଳାଙ୍କୁ ବିବାହ କରିବାକୁ କହିନି। ବରଂ ସେମାନେ ମତେ ବାଧ୍ୟ କରନ୍ତି ବିବାହ କରିବା ଲାଗି। ମୁଁ ମହିଳାଙ୍କ ସହ ଭଲ ବ୍ୟବହାର କରୁଥିବାରୁ ସେମାନେ ମତେ ବିବାହ କରିବାକୁ କହୁଥିଲେ। ଏଥିରେ ମୋର କିଛି ଦୋଷ ନାହିଁ। ୧୯୮୩ ମସିହାରେ କୋର୍ଟ ଟ୍ରାଏଲ ସମୟରେ ବିଗଲିୟୋଟୋ ତାଙ୍କ ପ୍ରକୃତ ନାମ ନେକୋଲାଇ ପେରୁସ୍କୋଭ ବୋଲି କହିଥିଲେ। ଧୋକାବାଜିରେ ବିଗଲିୟୋଟୋ ବ୍ୟବହାର କରିଥିବା ଅଲଗା ଅଲଗା ୫୦ଟି ନାଁର ତାଲିକା ବିପକ୍ଷ ଓକିଲ ପ୍ରକାଶ କରିଥିଲେ। ତା'ସହ ତାଙ୍କର ୧୦୫ ସ୍ତ୍ରୀଙ୍କ ନାମ ଓ ଠିକଣା ବି ଦର୍ଜ କରିଥିଲେ। ଫଳରେ ବିଗଲିୟୋଟୋଙ୍କୁ ୩୪ବର୍ଷର କାରାବାସ ସହ ୩୩୬୦୦୦ ଡଲାରର ଜୋରିମାନା ଲଗାଯାଇଥିଲା। ୧୯୯୧ରେ ୬୧ ବର୍ଷ ବୟସରେ ବିଗଲିୟୋଟୋଙ୍କର ବ୍ରେନ ହାମରେଜ ପାଇଁ ମୃତ୍ୟୁ ହୋଇଥିଲା।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଅତି ସ୍ନେହେ....



ସନାତନ ବାବୁ ଓ ପତ୍ନୀ ସୁଶୀଳାଙ୍କ ପରି ସହନଶୀଳତା–ଧୈର୍ଯ୍ୟ ଏବଂ ତ୍ୟାଗଗୁଣ ଯୁକ୍ତ ମଣିଷ ଆଜିକାଲି ଦୁନିଆରେ କମ୍ ମିଳିବେ । ସେ ନିଜପୁଅ ପାଇଁ କ'ଣ କମ୍ ତ୍ୟାଗ କରିଛନ୍ତି କି ! ଏଇଗୁଣ ତାଙ୍କର ବଢିଲା.. ଯେବେ ତାଙ୍କ ରୋଗୀଣା ପୁଅ ସୁକୁଟାକୁ ସହରରେ ଥିବା ଜଣେ ଶିଶୁ –ବିଶେଷଜ୍ଞଙ୍କୁ ଦେଖେଇବାକୁ ଯାଇଥିଲେ । ସେଇଠି ପୁଅର ଜିଦି ଓ କାନ୍ଦଦେଖି ମା–ସୁଶୀଳା, ତାକୁ ଗାଳିଦେଇ ଆକଟ କରିବାରୁ, ଡାକ୍ତର ସାର୍ କହିଲେ... ଉହୁଁ, ପିଲାକୁ ଆକଟିବନି... ଗାଳି ଦେବନି କି କେବେ ପିଟିବନି । ତା' ମାଇଣ୍ଡି ଉପରେ ପ୍ରେସର ପଡ଼ିବ । ସେବେଠୁ ବାପ –ମା ଦି'ଜଣ କର୍ଣ୍ଣ –ମନ୍ତ୍ର ନେଲାପରି ସେଇ କଥାକୁ ଘୋଷି ହେଉଥିଲେ । ତାଙ୍କ ପଡ଼ା –ପଡ଼ୋଶୀଏ ତାଙ୍କ ପିଲାଙ୍କୁ ଦୁଷ୍ଟାମି କରିବା ଦେଖି ଗାଳିଦେଲେ କି ପିଟିଲେ, ଏମାନେ କହୁଥିଲେ.. ଉହୁଁ.. ମାଇଣ୍ଡି ଉପରେ ପିଲାର ପ୍ରେସର ପଡ଼ିବ । ପିଲାକୁ ସ୍ନେହ ଦିଅ... ଶାସନ ନୁହଁ ।

ସେବେଠୁ ସନାତନ ଓ ସୁଶୀଳା ଦେବୀ, ପୁଅ –ସୁକୁଟାକୁ ଶାସନ ନ କରି, ମଧୁର ସ୍ନେହ –ରସରେ ବଡ଼ କଲେ । ବେଳକୁ ବେଳ ପୁଅର ଯାବତୀୟ ଦୁଷ୍ଟାମି, ମିଛୁଆ ପ୍ରକୃତି, ଅଯଥା ଜିଦି ଆଦିକୁ ଦେଖିବି ଆକଟ ନ କରି ସବୁ ବରଦାସ୍ତ କରିଯାଉଥିଲେ । ଯେତେବେଳେ ଯେତେ ଟଙ୍କା ମାଗିଲେ, ତାକୁ ଦେଇ, ସ୍ନେହ–ସାର ପିଡ଼ିଆ ଦେଇ ଏତେ ଉପରମୁହାଁ କରି ବଡ଼ କରି ଦେଲେ ଯେ, ଅନ୍ୟମାନେ କହୁଥିଲେ.. ଧନ୍ୟ କହିବ ତା' ବୋପା –ମା' ଙ୍କୁ... ଧନ୍ୟ ତାଙ୍କ ଧୈର୍ଯ୍ୟକୁ ।

ପିଲାଟା ମାଇନରରୁ ମାଟ୍ରିକ ପଢ଼ିବା ଭିତରେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ଯୋଉଠି ଯାହା କଲେ ବି ବାରଣ ନ କରି ବରଂ କୁଢ଼କୁଢ଼ ଟଙ୍କା କୁଢ଼େଇ ଦେଉଥିଲେ । କେଇଥର ପର ବୋଲରେ ପଡ଼ି କାହା ବାଡ଼ିରେ ପଶି ପନିପରିବା ଠୁ କୁକୁଡ଼ା ଚୋରିକରି ଭୋଜିକରି ଧରା ପଡ଼ିଲେ ବି, ପଞ୍ଚଶହ ଜାଗାରେ ସାତଶ' ଟଙ୍କା ଗଣି, କହୁଥିଲେ.. ମୋ ପୁଅକୁ କିଛି କୁହନି, ତା' ମାଇଣ୍ଡି ଉପରେ ପ୍ରେସର ପଡ଼ିବ! ପିଲାଟା ଭେଣ୍ଡିଆ ହେଲା, ହେଲେ ପାଠ କମ୍ ଶାଠରେ ବେଶି ଆଗେଇଲା । କେତେ କାହା ବୁଦ୍ଧିରେ ପଡ଼ି ନାହିଁ ନ ଥିବା ଯାବତୀୟ କେଳେଙ୍କାରୀ ଅସାମାଜିକ କର୍ମ କରିଚାଲିଲା । କୋଉ ପଡ଼ୋଶୀ ଯଦି କହୁଥିଲେ.. ଲାଳୟତେ ପଞ୍ଚ ବର୍ଷାଣି ଦଶ ବର୍ଷାଣି ତାଡୟେତ୍.., ମାନେ ପିଲାକୁ ସାନବେଳୁ କାହିଁକି ଶାସନ କଲନି, ତେବେ ସନାତନ ଓ ପତ୍ନୀ ଓଲଟା ରାଗି ଜବାବ ଦେଉଥିଲେ... ରଖ ହୋ ତମ ଶାସ୍ତ୍ର ଉପଦେଶ । ସେ ନୀତି ପୁରୁଣା ହେଲାଣି.. ଯୁଗ ବଦଳିଗଲାଣି । ବିଚରା ପଡ଼ୋଶୀ, ଅଯଥା ଝଗଡ଼ାକୁ ଏଡ଼େଇ, ଯିଏ ଯେଝା ବାଟରେ ରହୁଥିଲେ ।

କେତେଥର ଗୁଣମଣି ପୁତ୍ରର କାଣ୍ଡକାରଖାନା ଯୋଗୁ ଥାନା ଭିତରେ ପଶିଲେ ବି, ଥାନା ବାବୁଙ୍କ ଗୋଡ଼ହାତ ଧରି ମୋଟା ଅର୍ଥ–ଦଣ୍ଡ ଦେଇ, ପୁଅକୁ କିଛି ଶାସନ ନ କରନ୍ତୁ କି ଗାଳି ନ ଦିଅନ୍ତୁ ଅନୁରୋଧ କରି କହନ୍ତି... ତା' ମାଇଣ୍ଡି ଉପରେ ପ୍ରେସର ନ ପଡୁ । ହେଲେ ତା'ର ବହୁବାର ଅନେକ କେଳେଙ୍କାରୀ କର୍ମ ଓ ଚାରିତ୍ରିକ ଦୋଷରେ ଥରେ ଥାନାରୁ ଜେଲଖାନାକୁ ପ୍ରମୋଶନ ହୋଇଗଲା । ସେଇଠି ସୁକୁଟା ଚାରିବର୍ଷ ବିତେଇବା ପରେ ଗୋଟେ ବଡ଼ ଲକ୍ଷ୍ୟ ହାସଲ କଲା । ଜେଲ ଭିତରେ ତା'ର ସମଧର୍ମୀ, ସୁନ୍ଦରୀ ଅଲିଅଳୀ ଓଠକୁ ଦେଢ଼େଇ ମଡର୍ଣ୍ଣ ଷ୍ଟାଇଲିଆ କଥା କହୁଥିବା ଜୀବନ ସାଥୀଟିଏ ଆବିଷ୍କାର କଲା । ନିଷ୍ଠାର ସହ ନିଶା କାରବାର ତଥା ଉତ୍ତମ ଚୋରଣୀ ଗୁଣଯୁକ୍ତା ଏଇ କନ୍ୟା–ରତ୍ନଟି ତା' ପାଇଁ ପୂରା ଫିଟିଙ୍ଗ ବୋଲି, ସୁକୁଟାକୁ ଜଳଜଳ ଦିଶିବାରୁ ବିଚାରାଳୟରୁ ସିଧା ବରଣମାଳା ବିନିମୟରେ ସିଧା ଶଶୁରାଳୟକୁ ଘେନି ଆସିଲା । ସୁକୁଟା ବାପା ମା' ଏଭଳି ଅନାମଧେୟ ଅତିଭଦ୍ରା ଅଲିଅଳୀକୁ ବଧୂ ଭାବରେ ଗ୍ରହଣ କରିବାକୁ ଅମଙ୍ଗ, ଅନିଚ୍ଛୁକ ଥିଲେ ବି, ପୁଅ ମାଇଣ୍ଡି ଉପରେ ପ୍ରେସର ନ ପଡୁ ବୋଲି, ତାକୁ ଘରକୁ ଆଦରରେ ନେଇଗଲେ । ସୁନ୍ଦରୀ ଆଗରୁ ସୁକୁଟାଠାରୁ ଶଶୁରଙ୍କ ଅମାପ ସମ୍ପତ୍ତି ଥିବାର ଜାଣି ସୁକୁଟାକୁ ସ୍ୱାମୀରୂପେ ଗ୍ରହଣ କରିଥିଲା । ତେଣୁ ଆଳସ୍ୟ –ଅୟସରେ ଦୁଇବର୍ଷ ବେଶ୍ ଫୁର୍ତ୍ତିବାଜି କରି ସମୟ ବିତେଇଲା ବେଳେ, ଶାଶୁଙ୍କ ହାତରନ୍ଧା ଗନ୍ଧାଏ ବୋଲି ଅନ୍‌ଲାଇନରେ ଅର୍ଡର ଦେଇ ମଗେଇ ଖାଏ । ସେବା କରିବା ପରିବର୍ତ୍ତେ ଶାଶୁଙ୍କ ଦ୍ୱାରା ଭଲ ସେବା ପାଉଥିଲା । ହଠାତ୍ ଦିନେ ସବୁ ସମ୍ପତ୍ତି ହାତେଇ ବିକ୍ରି କରିବା ଉଦ୍ଦେଶ୍ୟରେ, ସୁନ୍ଦରୀ ଓ ସୁକୁଟା, ବୁଢ଼ା–ବୁଢ଼ୀଙ୍କୁ ପିଟି ଘରୁ ତଡ଼ିଦେଲେ । ଚୋର ମା' କାନ୍ଦେନି, ଯଦି କାନ୍ଦେ ଦୁଆର ଦେଇ.. ନ୍ୟାୟରେ ଲୁହକୁ ପଣତକାନିରେ ଲୁଚେଇ ଉଭୟେ ଘରୁ ବାହାରି ଚାଲି ଚାଲି ଆସୁଥିଲେ । ଏତିକିବେଳେ ସନାତନଙ୍କ ବାଲ୍ୟ ବନ୍ଧୁ ପ୍ରିୟନାଥ, ଯିଏ ସହରରେ ରୁହନ୍ତି, ଦେଖାହୋଇ କୁଆଡ଼େ ଯାଉଛ ପଚାରିବାରୁ, ବନ୍ଧୁ ସନାତନ ସହରରେ ଥିବା ଜରାଶ୍ରମର ଠିକଣା କହିବାକୁ ଅନୁରୋଧ କଲେ । ମନରେ କୋହ–ଆଖିରେ ଲୁହ ଦେଖି ତାଙ୍କଠୁ ସବୁକଥା ଶୁଣୁଥିଲା ବେଳେ ପ୍ରିୟନାଥଙ୍କ ପାଖରେ ଗାଁର ଆଉ କେତେଜଣ ପଡ଼ୋଶୀ ପହଞ୍ଚି ସାରିଥାନ୍ତି । ପ୍ରିୟ ବାବୁ, ବନ୍ଧୁ ଓ ତାଙ୍କ ପତ୍ନୀଙ୍କୁ ଧୈର୍ଯ୍ୟଦେଇ କହିଲେ.. ମୋ ସହ ଗାଁକୁ ଫେରିଚାଲନ୍ତୁ, ସେ ପୁଅ–ବୋହୂଙ୍କ କଥା ମୁଁ ବୁଝୁଚି । ଆଇନ ଅନୁସାରେ ତାଙ୍କର ଉଚିତ ଦଣ୍ଡ ବିଧାନ କରାଇ, ତୁମ ଅଧିକାର ପାଇବା ବ୍ୟବସ୍ଥା କରିବି । ଏତିକିବେଳେ ଜଣେ ପଡ଼ୋଶୀ କହିଲେ... ହେ ହେ ପ୍ରିୟନାଥ ! ତାଙ୍କ ପୁଅ ବୋହୂକୁ ତମେ କିଛି କହିବନାହିଁ । ତାଙ୍କ ମାଇଣ୍ଡି ଉପରେ ପରା ପ୍ରେସର ପଡ଼ିବ! ଆଉ କେଇଜଣ ଫେଁ ଫେଁ ହେଇ ହସି ପାଳି ଧରି କହିଲେ.. ହଁ ହଁ ପ୍ରେସର ପଡ଼ିବ ରେ... !

ଆଜ୍ଞା ! ଏମିତି ଘଟଣା ଆମ ସମାଜରେ ଆଉ ନୂଆହୋଇ ନାହିଁ । ଅତି ସ୍ନେହ ଆଦରରେ ବଢ଼ି, ପଢ଼ି, ଜୀବନ ଗଢ଼ିଥିବା ଅଧିକାଂଶ ପିଲା, ଆପଣା ଫିଉଚରକୁ ଚରି ରାଇଜ ବାହାରେ ରହି ଲାକ୍ଷେ ଲାକ୍ଷେ ଟଙ୍କା କମେଇ, ନିଜ ସ୍ତ୍ରୀ ପିଲା ନେଇ ଏତେ ବ୍ୟସ୍ତ ରହୁଛନ୍ତି ଯେ, ବୃଦ୍ଧ ମାତା–ପିତାଙ୍କ ରୋଗଶଯ୍ୟା କି ମୃତ୍ୟୁଶଯ୍ୟା ପାଖରେ ଏରୋପ୍ଲେନରେ ଚଢ଼ି ପହଞ୍ଚିବା ସିନା ସମ୍ଭବ ହୁଏନି, ମାତ୍ର ଅନେକ ମାଡ଼ ଗାଳି ଖାଇ ଦୁଃଖ ସହି ବଢ଼ିଥିବା ଗରିବ ପିଲାଏ ଶ୍ରମିକ ଭାବରେ ବାହାରେ ରହି, ପେଟରୁ କାଟି ବାପ –ମା'ଙ୍କ ପାଖକୁ ଟଙ୍କା ଖାଲି ପଠାନ୍ତିନି, ବରଂ କରୋନା ଭଳିଆ ମାରାତ୍ମକ ମହାମାରୀ ସମୟରେ, ହଜାର ହଜାର କିଲୋମିଟର ଦୂରରୁ ପୁରୁଣା ସାଇକେଲ ଚଢ଼ି, ନିଜ ଜନ୍ମ–ମାଟି, ଜନ୍ମଦାତାଙ୍କ ପାଖକୁ ଫେରି ଆସିବା.. ଏ ଦୁନିଆ ଦେଖିଛି । ଏଇ ଅତି ସ୍ନେହରେ ବଢ଼ିଥିବା ଅଧିକାଂଶ ପିଲା ପରୀକ୍ଷାରେ କମ ନମ୍ବର ରଖିଲେ କି ଫେଲ ହେବା କଥା ପଚାରିଲେ, ଧୈର୍ଯ୍ୟ ହରେଇ ଆତ୍ମହତ୍ୟା କରି ଆପଣା ବଂଶ ବୁଡ଼େଇବାକୁ ପଛାଉ ନାହାନ୍ତି । ଆଉ ସେ ଆଗର 'କାଳବତ୍ ଭୟ.. ପୁତ୍ରବତ୍ ସ୍ନେହ' ର ସ୍ନେହ ମିଶା ଶାସନ.. ନା ଅଛି ଘରେ, ନା ଅଛି ଶିକ୍ଷାନୁଷ୍ଠାନରେ । ବରଂ ଗୁରୁ ଗୁରୁଜନ ପିଲାଙ୍କୁ ଡରି ମରି ଚଳୁଛନ୍ତି । ମୋର ଜଣେ ବନ୍ଧୁ, ଜ୍ୱରରେ କମ୍ପୁଥିଲା ବେଳେ, ତାଙ୍କ ବାରବର୍ଷର ପୁଅକୁ ଔଷଧ ଆଣିବାକୁ ପଠେଇବାରୁ, ପିଲାଟି ସାଙ୍ଗମାନଙ୍କ ସହ କ୍ରିକେଟ ଖେଳିବାକୁ ସମ୍ମାନ ଦେଇ କହିଲା.. ଡ୍ୟାଡି! ତମର କ'ଣ ଜେଲ ଯିବାକୁ ଇଚ୍ଛା ହେଲାଣି କି? ତମେ କ'ଣ ଜାଣିନ.. ଚଉଦ ବର୍ଷରୁ କମ୍ ବୟସ ପିଲାଙ୍କୁ କାମରେ ଖଟେଇବା ଆଇନଗତ ଅପରାଧ ବୋଲି? ବାସ୍, ଏଇ କେଇପଦ କଥାରେ, ଜ୍ୱର–କମ୍ପ ହୃତ୍–କମ୍ପରେ ବଦଳି ଏକବାରେ ଜର ଛାଡ଼ି ପଳେଇଲା । କଥାରେଅଛି..ଅତିସ୍ନେହେ ଝିଅ ଦାଣ୍ଡରେ ଠିଆ, ଅତିସ୍ନେହେ ପୁଅ ମନମୋଟିଆ। ତେବେ ଆତ୍ମସମୀକ୍ଷା କରନ୍ତୁ.. ପିଲା ମାଇଣ୍ଡି ଉପରେ ପ୍ରେସର ପଡ଼ିବ ବୋଲି ଆକଟ ନ କରି ଖାଲି ସ୍ନେହର ମହତ୍ତ୍ୱ କେତେ.. ଶାସନର ମହାନତା କ'ଣ !!

–ମଙ୍ଗରାଜ ପୁର, ପୁରୀ
ମୋ:୭୦୦୮୧୮୮୪୭

## ପୁସ୍ତକ ସମୀକ୍ଷା

### ନବଗୁଞ୍ଜର

**ଏକ ଆଂଶିକ ଉପନ୍ୟାସ**

**ଜଗନ୍ନାଥ ପ୍ରସାଦ ଦାସ , କେତକୀ ଫାଉଣ୍ଡେଶନ ଟ୍ରଷ୍ଟ**
**ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର–୧୫**

ନବଗୁଞ୍ଜର ଡ.ଜଗନ୍ନାଥ ପ୍ରସାଦ ଦାସଙ୍କର ଏକ ଆଂଶିକ ଉପନ୍ୟାସ। ଏଥିରେ ନବଗୁଞ୍ଜର ବେଶର କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଦ୍ରୌପଦୀଙ୍କୁ ବାହାହେବା ଆଗରୁ ପଞ୍ଚପାଣ୍ଡବ ପ୍ରତିଜ୍ଞା କରିଥିଲେ ଯେ, ଯଦି କେହି ଭାଇ ଦ୍ରୌପଦୀଙ୍କ ସହିତ ଶୋଇବା ଘରେ ଥିବେ, ଆଉ କେହି ସେ ଭିତରକୁ ଯିବେ ନାହିଁ। ଯଦି ଯାଆନ୍ତି, ତେବେ ତାର ଶାସ୍ତି ସ୍ୱରୂପ ତାଙ୍କୁ ୧୨ ବର୍ଷ ଅଜ୍ଞାତବାସରେ ରହିବାକୁ ହେବ। ଦିନେ ଯୁଧିଷ୍ଠିର ଭିତରେ ଥିବା ବେଳେ ଅଗ୍ନିଦେବ ବ୍ରାହ୍ମଣ ଛଦ୍ମବେଶରେ ଆସି ଯୁଧିଷ୍ଠିରଙ୍କୁ ଦେଖା କରିବାକୁ ଚାହିଁଲେ।





ଅର୍ଜୁନ ମନା କରିବାରୁ ଅଗ୍ନି ଦେବ ପୂରା ସହରକୁ ଭସ୍ମ କରିଦେବାର ଧମକ ଦେଲେ। ସଂକୋଚର ସହିତ ଅର୍ଜୁନ ଭିତରକୁ ଗଲେ ଏବଂ ନିୟମ ଭଙ୍ଗ କରିଥିବାରୁ ସ୍ୱଇଚ୍ଛାରେ ୧୨ବର୍ଷ ବନଗମନ କଲେ । ସେହି ସମୟରେ ଭଗବାନ ବିଷ୍ଣୁ ଆସି ଭାଇମାନଙ୍କୁ ଅର୍ଜୁନଙ୍କ ଅଜ୍ଞାତବାସ କଥା କହିଲେ। ସେ ନିଜେ ଅରଣ୍ୟକୁ ନବଗୁଞ୍ଜର ବେଶ ହୋଇ ଗଲେ। ଏହି ନବଗୁଞ୍ଜର କାହାଣୀକୁ ଲେଖକ ଚମତ୍କାରଭାବେ ବର୍ଣ୍ଣନା କରିଛନ୍ତି।

### ଦି ରିଦମ୍ ଇଟରନାଲ୍

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ବ୍ଲାକ ଇଗଲ ବୁକ୍ସ, ଡବ୍ଲିନ୍, ୟୁଏସ୍ଏ, ମୂଲ୍ୟ– ୧୬୦ଟଙ୍କା**


'ଦି ରିଦମ୍ ଇଟରନାଲ' ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଗଳ୍ପ ପୁସ୍ତକ। ଏଥିରେ ୧୮ଟି ଗପ ସ୍ଥାନିତ ହୋଇଛି । ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆଶ୍ରମରେ ସେ ଯେବେ ଧ୍ୟାନମଗ୍ନ ଥିଲେ ସେତେବେଳେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ ହେଉଥିଲା ସେଥିରେ ପରିପୂର୍ଣ୍ଣ ହୋଇ ରହିଥିଲା ଏପରି ଏକସୂକ୍ଷ୍ମ ତରଙ୍ଗ, ଯାହାର ଉତ୍ସ ଅବସ୍ଥିତ ଅଦୃଶ୍ୟ ସୂକ୍ଷ୍ମ ଜଗତରେ। ଶ୍ରୀମା'ଙ୍କ ପ୍ରେରଣାରେ ଦି ରିଦମ୍ ଇଟରନାଲ ନାମରେ ଯେଉଁ କାର୍ଯ୍ୟକ୍ରମ ପରିକଳ୍ପନା ହୋଇଛି ଓ ମଞ୍ଚସ୍ଥ ହୋଇଛି ତାରି ଚିରନ୍ତନ ସଙ୍ଗୀତର ଧ୍ୱନୀ ଆଧାରରେ ରଚିତ ହୋଇଛି ଗଳ୍ପଟି। ସମଗ୍ର ସଂକଳନଟିରେ ଯେତିକି ଗଳ୍ପର ଭାବ ବିନ୍ୟାସ ହୋଇଛି, ସେ ସବୁ ଯଦି ଗୋଟିଏ ସୂତ୍ରରେ ଗୁନ୍ଥି ଦିଆଯାଏ, ତା' ହେଲେ ତାହା ହେବ– ' ଦି ରିଦମ୍ ଇଟରନାଲ'। ଲେଖକ ଜୀବନାନୁଭୂତି–କୈନ୍ଦ୍ରିକ ଗଳ୍ପ ରଚନାରେ ସେ ପ୍ରସ୍ଫୁଟିତ କରିଛନ୍ତି ଶାଶ୍ୱତ କଳାର କମନୀୟତା । ଗଳ୍ପଗୁଡ଼ିକ ଜୀବନ ଓ ପ୍ରାଣକୁ ପୁଲକିତ କରିବ ବୋଲି ଆଶା ।




### କଠୋପନିଷଦ୍

**ଏକ ତାତ୍ତ୍ୱିକ ଆଲୋଚନା, ଦୀନବନ୍ଧୁ ଦାସ**
**ଏଥେନା ବୁକ୍ସ, ଭୁବନେଶ୍ୱର,**
**ମୂଲ୍ୟ–୨୦୦ଟଙ୍କା**

କଠୋପନିଷଦ୍ ଭଳି ଅମୂଲ୍ୟ ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କରି ଦାର୍ଶନିକ ଡକ୍ଟର ଦୀନବନ୍ଧୁ ଦାସ ଓଡ଼ିଆ ଦର୍ଶନ ସାହିତ୍ୟକୁ କେବଳ ସମୃଦ୍ଧ କରି ନାହାନ୍ତି, ଓଡ଼ିଆ ଭାଷାକୁ ମଧ୍ୟ ନୂତନ ଶୈଳୀ ଦେଇଛନ୍ତି। ଉପନିଷଦଟି କଥୋପକଥନ ଉପରେ ପର୍ଯ୍ୟବଶିତ। ଗୁରୁଙ୍କ ଉପଦେଶ ଶ୍ରବଣ କରି ବିବେକବାନ ଶିଷ୍ୟ ନିଜର ବୁଦ୍ଧି ସହିତ ସମାହିତ ମନକୁ ଯୁକ୍ତ କରି ମନନ ଓ ଧ୍ୟାନ ମାଧ୍ୟମରେ ଆତ୍ମଜ୍ଞାନର ଅଧିକାରୀ ହୁଏ। ସ୍ୱୟଂ ମୃତ୍ୟୁଦେବ ଓ ନଚିକେତାଙ୍କ ମଧ୍ୟରେ ଆଧ୍ୟାତ୍ମ ବିଦ୍ୟା ସମ୍ବଳିତ ଏକ ସମ୍ବାଦକୁ ଅବଲମ୍ବନ କରି କଠମୁନିଙ୍କ ଦ୍ୱାରା କଠୋପନିଷଦ୍ ରଚିତ ହୋଇଛି। କଠୋପନିଷଦ୍ ଭଳି ଅମୂଲ୍ୟ ଗ୍ରନ୍ଥକୁ ଏକ ତାତ୍ତ୍ୱିକ ଆଲୋଚନା ସହିତ ଓଡ଼ିଆ ଭାଷାରେ ଅନୁବାଦ କରି ଦୀନବନ୍ଧୁ ଦାସ ଦାର୍ଶନିକ ସାହିତ୍ୟକୁ ସମୃଦ୍ଧ କରି ନାହାନ୍ତି, ଓଡିଆ ଭାଷାକୁ ନୂତନ ଶୈଳୀ ପ୍ରଦାନ କରିଛନ୍ତି । ପୁସ୍ତକଟି ପାଠକୀୟତା ଲାଭ କରିବ ଏହା ନିଃସନ୍ଦେହ ।



# ମିଷ୍ଟର୍ ସର୍ବଗିଳା

୧୯୫୦ରେ ଜନ୍ମିତ ଫ୍ରାନ୍ସର ମାଇକେଲ ଲୋଟିଟୋ, ବେଶ୍ ପରିଚିତ ଥିଲେ 'ମିଷ୍ଟର ଇଟ୍ ଅଲ୍' ନାମରେ। କାରଣ ସାଇକେଲ, ଟିଭି, ଖଟଠାରୁ ଆରମ୍ଭ କରି ଶପିଂ କାର୍ଟ, କାଚ ଜିନିଷ, ରବର ଏମିତିକି ଏରୋପ୍ଲେନ୍‌ର ପାର୍ଟ ଖାଇ ବେଶ୍ ଆରାମରେ ହଜମ କରିଦେଇପାରୁଥିଲେ। ତେବେ ତାଙ୍କର ଏଭଳି ଅଜବ ଖାଇବା ଅଭ୍ୟାସ ମାତ୍ର ୯ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ୧୬ ବର୍ଷ ବୟସ ବେଳକୁ ସେ ଏଭଳି ଅଜବ



ଖାଦ୍ୟ ଖାଇବାର ଶୋ' କରିବା ଆରମ୍ଭ କରିଦେଇଥିଲେ। ଦୁଇସିଟ୍ ଯୁକ୍ତ ଏଭିଏସେନ୍ ଏରୋପ୍ଲେନ୍ ସେସ୍‌ନା ୧୫୦କୁ ବି ସେ ଖାଇଥିଲେ। ଆଉ ଏହାକୁ ସମ୍ପୂର୍ଣ୍ଣ ଖାଇବା ଲାଗି ତାଙ୍କୁ ଦୁଇବର୍ଷ ଲାଗିଥିଲା। ଏହି ଏରୋପ୍ଲେନ୍‌କୁ ସେ ଛୋଟ ଛୋଟ ଖଣ୍ଡ କରି ମିନେରାଲ ଅଏଲ୍ ଓ ପ୍ରଚୁର ପାଣି ପିଇ ପିଇ ଖାଉଥିଲେ। ଯେମିତିକି ସେହି ଧାତୁଗୁଡିକ ତଣ୍ଟିରେ ଓ ଅନ୍ତନଳୀରେ ସହଜରେ ଯାଇପାରିବ। ପ୍ରକୃତରେ ସେ ପିକା ନାମକ ଏକ ଅଜବ ରୋଗରେ ଆକ୍ରାନ୍ତ ଥିଲେ। ଯାହାକି ଏକ ମାନସିକ ରୋଗ। ଏଥିରେ ତାଙ୍କୁ ଅଖାଦ୍ୟ ଦେଖିଲେ ଖାଇବାକୁ ଲୋଭ ହେଉଥିଲା। ଡାକ୍ତରଙ୍କ କହିବାନୁସାରେ ତାଙ୍କ ଅନ୍ତନଳୀ ଓ ପେଟରେ ମୋଟା ଆସ୍ତରଣ ଥିବା ସହ ହଜମ ପାଇଁ କ୍ଷରଣ ହେଉଥିବା ରସାୟନ ବି ପାୱାରଫୁଲ ଥିଲା। ତେଣୁ ସେ ଧାରୁଆ, ଶକ୍ତ ଧାତୁ ଖାଇଲେ ବି ତାହା ହଜମ ହେଇଯାଉଥିଲା। ତେବେ ଆଶ୍ଚର୍ଯ୍ୟର କଥା ସେ ଯଦି କଦଳୀ, ସିଝା ଅଣ୍ଡା ପରି ସରଳ ଖାଦ୍ୟ ଖାଉଥିଲେ ତାଙ୍କ ଦେହ ଖରାପ ହେଉଥିଲା। ୧୯୫୯ରୁ ୧୯୯୭ ମଧ୍ୟରେ ସେ ପ୍ରାୟ ୯ ଟନ୍ ଧାତୁ ଖାଇଥିଲେ। ଏଭଳି ଅଜବ ଡାଏଟ୍ ଲାଗି ତାଙ୍କ ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଥିଲା। ୨୦୦୭, ଜୁନ ୨୫ରେ ଲୋଟିଟୋ ୫୭ ବର୍ଷ ବୟସରେ ପ୍ରାକୃତିକ କାରଣରୁ ମୃତ୍ୟୁବରଣ କରିଥିଲେ।

## ଫ୍ୟାକ୍ ପେଜ୍






# ଅଖା ପ୍ଲାଜୋ ପ୍ୟାଣ୍ଟର ମୂଲ୍ୟ ୬୦୦୦୦

ଫ୍ୟାଶନର ନିର୍ଦ୍ଦିଷ୍ଟ କିଛି ସଂଜ୍ଞା ନାହିଁ। କେତେବେଳେ କେଉଁ ଫ୍ୟାଶନ୍ ଟ୍ରେଣ୍ଡ କରେ ତାହା କହିବା ମୁସ୍କିଲ। ଅନେକ ସମୟରେ ଅଜବ ଫ୍ୟାଶନ ବି ଯୁବିପିଢିଙ୍କୁ ବେଶ୍ ଆକର୍ଷିତ କରିଥାଏ। ଯେମିତିକି ଏବେ ସୋସିଆଲ ମିଡ଼ିଆରେ ଏମିତି ଏକ ପ୍ଲାଜୋ ପ୍ୟାଣ୍ଟ ଟ୍ରେଣ୍ଡ କରୁଛି, ଯାହାକୁ ଦେଖିଲେ ପ୍ରଥମେ ତ ଚକିତ ହୋଇଯିବେ। କାରଣ ଏହି ପ୍ଲାଜୋ ପ୍ୟାଣ୍ଟଟି ତିଆରି ହୋଇଛି ଆଳୁ ବସ୍ତାରେ। ଏହି ପ୍ୟାଣ୍ଟର ଗୋଟିଏ ପଟ ଗୋଡରେ କିଛି ଲେଖାଥିବା ବି ଦେଖିବାକୁ ମିଳେ। ଆଉ ଜାଣନ୍ତିକି ଏହି ଅଖା ପ୍ଲାଜୋ ପ୍ୟାଣ୍ଟର ଦାମ କେତେ ? ଏହାର ଦାମ ହେଉଛି ୬୦,୦୦୦ଟଙ୍କା। ଭାବୁଥିବେ ନିଶ୍ଚୟ ଏଥିରେ କିଛି ବିଶେଷତା ଥିବ। ହେଲେ ଏଥିରେ ସେମିତି କିଛି ବିଶେଷତା ନାହିଁ। ତଥାପି ଏହାର ଡିଜାଇନର୍ କହନ୍ତି ଯେ, ଯୁବପିଢିଙ୍କୁ ଏହା ବହୁତ ଭଲ ଲାଗୁଛି। ସେଥିପାଇଁ ତ ଏହି ପ୍ୟାଣ୍ଟ ତିଆରି ହୋଇଛି।



# ବିକଳାଙ୍ଗ ଝିଅ ପାଇଁ ବାପା ତିଆରି କଲେ ରୋବୋ

ସବୁ ପିଲାଙ୍କ ପାଇଁ ତାଙ୍କ ବାପା ସୁପରହିରୋ। ବାପା ଥିଲେ ପିଲାଙ୍କୁ କୌଣସି ସମସ୍ୟା ଡରାଇପାରେନା କି ଭାଙ୍ଗିପାରେନା। ଏଇ ଯେମିତି ଦକ୍ଷିଣ ଗୋଆର ପୋଣ୍ଡା ତାଲୁକାସ୍ଥ ବେଥୋର ଗାଁର ବିପିନ କଦମ। ସେ ଜଣେ ଦିନ ମଜୁରିଆ। ବିପିନଙ୍କର ୧୪ ବର୍ଷର ଏକ ଭିନ୍ନକ୍ଷମ ଝିଅ ଅଛି। ଯେକି ନିଜେ ଖାଇପାରନ୍ତି ନାହିଁ। ଏମିତିକି ହଲଚଲ ବି ହୋଇପାରନ୍ତି ନାହିଁ। ତେଣୁ ସେ ପୁରାପୁରି ମା'ଙ୍କ ଉପରେ ନିର୍ଭରଶୀଳ ଥିଲେ। ବିପିନଙ୍କ ସ୍ତ୍ରୀ ତାଙ୍କୁ ଖୁଆଇ ଦେଉଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଯେ, ବିପିନଙ୍କ ସ୍ତ୍ରୀ ଏକ ରୋଗରେ ଶଯ୍ୟାଶାୟୀ ହୋଇପଡ଼ିଲେ। ଫଳରେ ବିପିନ ନାନା ସମସ୍ୟାର ସମ୍ମୁଖୀନ ହେଲେ। ଆଉ ଝିଅକୁ ଖୁଆଇବା ଲାଗି କାମରୁ ମଝିରେ ବାଧ ହେଉଥିଲେ ଆସିବାକୁ। ଏଭଳି ସମସ୍ୟା ପାଇଁ ସେ ଦିନେ ଚିନ୍ତା କଲେ ଏମିତି କିଛି କରିବେ ଯଦ୍ୱାରା ତାଙ୍କ ଝିଅ ବିନା କାହାରି ସାହାଯ୍ୟରେ ଖାଇପାରିବ। ଆଉ ଏକ ରୋବୋ କିଣିବା ପାଇଁ ଭାବିଲେ। ହେଲେ ସେମିତି କିଛି ସେ ପାଇଲେ ନାହିଁ। ତେଣୁ ନିଷ୍ପତ୍ତି ନେଲେ ନିଜେ ଏକ ରୋବୋ ତିଆରି କରିବେ। ଇଣ୍ଟରନେଟ୍‌ରୁ ରୋବୋ ତିଆରି ସମ୍ପର୍କିତ ଅନେକ ଭିଡ଼ିଓ ଦେଖିଲେ। ଆଉ ଚାରି ମାସର ଗବେଷଣା ପରେ ସେ ନିଜେ ଏକ ରୋବୋ ତିଆରି କଲେ। ଯାହାର ନାଁ ଦେଲେ 'ମାଁ ରୋବୋ'। ଏହା ଭଏସ୍ କମାଣ୍ଡ ଦ୍ୱାରା ଝିଅକୁ ଖୁଆଇଥାଏ। ଏବେ ଝିଅ ଖାଇବାରେ କିଛି ଅସୁବିଧା ହେଉ ନାହିଁ। ଆଉ ଝିଅର ହସଖୁସିର ଚେହେରା ଦେଖି ସେ ଖୁସି ହେଉଛନ୍ତି। ଗୋଆର ଷ୍ଟେଟ ଇନୋଭେସନ କାଉନ୍ସିଲ ବିପିନଙ୍କର ଏହି କାମକୁ ପ୍ରଶଂସା କରିବା ସହ ରୋବୋକୁ ଆହୁରି ଅଧିକ କାର୍ଯ୍ୟକ୍ଷମ କରିବା ଲାଗି ଆର୍ଥିକ ସହାୟତା ଯୋଗାଇ ଦେଉଛି।

